

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୦ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 June 2024
Vol.No. 35 ■ No.174 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିହାର ପାଇଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି କଲା ନୀତୀଶ କୁମାରଙ୍କ ଜେଡିୟୁ



ନୂଆଦିଲ୍ଲୀ, ୨୯/୬ : ବିଜେପି ନେତୃତ୍ୱାଧୀନ ଏନଡିଏର ସହଯୋଗୀ ଜେଡିୟୁ ପୁଣିଥରେ ବିହାର ପାଇଁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା କିମ୍ବା ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ଦାବି କରିଛି। ବର୍ତ୍ତମାନ କେନ୍ଦ୍ରରେ କ୍ଷମତାସୀନ ଏନଡିଏର ସହଯୋଗୀ ଦଳ ହେଉଛି ନୀତୀଶ କୁମାରଙ୍କ ଜେଡିୟୁ। ଆଜି ଜେଡିୟୁର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୋଟିଏ ସଂକଳ୍ପ ପାରିତ ହୋଇଛି। ସଂକଳ୍ପ ପାରିତ କରି ଦଳ ବିହାର ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ କିମ୍ବା ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଅତିରିକ୍ତ ଭାବେ ଦଳ ପେପର ଲିକ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପରୀକ୍ଷାରେ ହେଉଥିବା ଅନିୟମିତତାକୁ ହ୍ରାସ କରିବା ପାଇଁ ସଂସଦରେ ସଶକ୍ତ ଆଇନ ପାସ୍ କରିବାକୁ କେନ୍ଦ୍ର ନିକଟରେ ଦାବି ରଖିଛି। ବୈଠକ ପରେ ଜେଡିୟୁର ବରିଷ୍ଠ ନେତା କେସି ତ୍ୟାଗୀ କହିଛନ୍ତି ଯେ ଜାତି ଭିତ୍ତିକ ସଂରକ୍ଷଣ ଉପରେ ପାଟଣା ହାଇକୋର୍ଟ ଲଗାଇଥିବା ରୋକ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିବାକୁ ଦଳର ଜାତୀୟ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ହୋଇଛି। ଜେଡିୟୁ ସବୁବେଳେ ଏନଡିଏର ଅଂଶବିଶେଷ ହୋଇ ରହିବ ବୋଲି ସହମତି ହୋଇଛି। ରାଜ୍ୟସଭା ସାଂସଦ ସଞ୍ଜୟ ଝା ଜେଡିୟୁର ଜାତୀୟ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ଜେଡିୟୁ ସବୁବେଳେ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଓ ଆର୍ଥିକ ପ୍ୟାକେଜ ପାଇଁ ଲଢ଼େଇ କରିବ ବୋଲି ସେ କହିଛନ୍ତି।

## ନଦୀରେ ଭାସିଗଲା ସେନା ଟ୍ୟାଙ୍କ: ୫ ଯବାନ ସହିଦ



ନୂଆଦିଲ୍ଲୀ, ୨୯/୬ : ଚୀନ୍ ସୀମାରେ ଏଲଏସିରେ ଅଭ୍ୟାସ ବେଳେ ବଡ଼ ଅଘଟଣ। ଜମ୍ମୁ କଶ୍ମୀର ଲଦାଖରେ ନଦୀରେ ବୁଡ଼ିଲା ଭାରତୀୟ ସେନାର ଟ୍ୟାଙ୍କ। ଫଳରେ ଏଥିରେ ୫ ଜଣ ଯାବାନରେ ସହିଦ ହୋଇଥିବା ସୂଚନା ମିଳିଛି। ଦୌଲତବେଗ ଓଲ୍ଡି ଅଞ୍ଚଳରେ ସେନାର ଯବାନ ଟ୍ୟାଙ୍କ ଅଭ୍ୟାସ କରୁଥିବା ବେଳେ ନଦୀରେ ଅଚାନକ ଜଳସ୍ତର ବଢ଼ିଥିଲା। ଜଳସ୍ତର ବଢିବା କାରଣରୁ ଟ୍ୟାଙ୍କ୍ ନଦୀରେ ଭାସି ଯାଇଥିଲା। ଏହି ଦୁର୍ଘଟଣାରେ ସେନାର ୫ ଜଣ ଯବାନ ▶▶ପୃଷ୍ଠା ୭

## ଲାଞ୍ଚ ନେଉଥିବା ବେଳେ ଫସିଗଲେ ସେକ୍ସନ ଅଫିସର

କେନ୍ଦ୍ରାପଡ଼ା, ୨୯/୬ (ନି.ପ୍ର): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ଅଫିସର ସେକ୍ସନ ଅଫିସର ଜନ୍ ୱିଲିୟମ ବରାଳ। ଜମିଜମା ସଂକ୍ରାନ୍ତୀୟ କିଛି କାଗଜପତ୍ର ପାଇଁ ତହସିଲ ଅଫିସରେ ଆବେଦନ କରିଥିଲେ କଷଣଅଣ୍ଟା ଗାଁରେ ବିଘ୍ନେଶ ଦାସ। ତେବେ ସେଥିପାଇଁ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ସେକ୍ସନ ଅଫିସର ଜନ୍ ୱିଲିୟମ ବରାଳ। ଏନେଇ ବିଘ୍ନେଶ ଦାସ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ପ୍ରକାରେ ଆଜି ବିଘ୍ନେଶ ଦାସ ସେକ୍ସନ ଅଫିସର ଜନ୍ ୱିଲିୟମ ବରାଳଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଜନ୍ ୱିଲିୟମ ବରାଳ ଲାଞ୍ଚ ଅର୍ଥ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ▶▶ପୃଷ୍ଠା ୭

## ଦିଲ୍ଲୀ ପରେ ଆଉ ଏକ ବିମାନ ବନ୍ଦରରେ ଅଘଟଣ: ଖସିଲା ଛାତ

ନୂଆଦିଲ୍ଲୀ, ୨୯/୬ : ଦିଲ୍ଲୀ ପରେ ଏବେ ଗୁଜରାଟ ପାଳି। ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦର ଛାତ ଭୁଷୁଡିବା ଘଟଣାର ଦିନକ ପରେ ରାଜକୋଟ ବିମାନ ବନ୍ଦରରେ ମଧ୍ୟ ଘଟିଛି ସମାନ ଘଟଣା। ରାଜକୋଟ ବିମାନବନ୍ଦର ଛାତର ଏକ ଅଂଶ ଖସି ପଡ଼ିଥିବା କୁହାଯାଉଛି। ସୂଚନା ମୁତାବକ, ରାଜକୋଟ୍ ବିମାନ ବନ୍ଦରର ଟର୍ମିନାଲ ବାହାରେ ପିକଅପ୍ ଏବଂ ଡ୍ରପ୍ ଅଞ୍ଚଳରେ ଛାତ ଖସି ପଡିଛି। ପ୍ରବଳ ବର୍ଷା ଯୋଗୁ ଏହି ଅଘଟଣ ଘଟିଥିବା କୁହାଯାଉଛି। ତେବେ ଏହି ଦୁର୍ଘଟଣା କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ୨୦୨୩ରେ ରାଜକୋଟ ବିମାନବନ୍ଦରର ନୂତନ ଟର୍ମିନାଲ ବିଲ୍ଡିଂର ଉଦଘାଟନ କରିଥିଲେ। ଏହି ବିମାନବନ୍ଦରକୁ ୧୪୦୦ କୋଟିରୁ ଅଧିକ ମୂଲ୍ୟରେ ବିସ୍ତାର କରାଯାଇଥିଲା। କହିରଖୁ ଗୋଟିଏ ଦିନ ପୂର୍ବରୁ ତଥା ଶୁକ୍ରବାର ଦିଲ୍ଲୀ ▶▶ପୃଷ୍ଠା ୭

# ଜୁଲାଇ ପହିଲାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୯/୬ (ନି.ପ୍ର): ଜୁଲାଇ ପହିଲାରୁ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି। ଆଜି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି, ଆସନ୍ତା ଜୁଲାଇ ୧ ତାରିଖ ଦିନ ୧୧ଟାରୁ ଭୁବନେଶ୍ୱରର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅଭିଯୋଗ ଶୁଣାଣି ପାଇଁ ସେହିଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ପଞ୍ଜିକରଣ କରାଯିବ। ଆଗ୍ରହୀ ବ୍ୟକ୍ତିମାନେ ଏହି ସମୟ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ପଞ୍ଜିକରଣ କରିପାରିବେ ଓ ପରେ ସେମାନଙ୍କ ଅଭିଯୋଗ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ପାରିବେ। ଜୁଲାଇ ପହିଲାରୁ ପ୍ରତ୍ୟେକ ସୋମବାର ଅଭିଯୋଗ ଶୁଣାଣି ହେବ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳମାନେ ମଧ୍ୟ ଜିଲ୍ଲା ସ୍ତରରେ ପ୍ରତ୍ୟେକ ସୋମବାର ଲୋକଙ୍କ ଅଭିଯୋଗ ଶୁଣିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଅଭିଯୋଗକୁ ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ପଞ୍ଜିକୃତ କରିବାକୁ କୁହାଯାଇଛି । ସାଧାରଣ ନିର୍ବାଚନ ଯୋଗୁ ଜିଲ୍ଲା ଓ ବିଭାଗସ୍ତରରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ବିଜେଡି ସରକାର ଅମଳରେ ପ୍ରତ୍ୟେକ ସୋମବାର ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳ-ଏସପିମାନେ ଜନଅଭିଯୋଗର ଶୁଣାଣି କରୁଥିଲେ । ଖରାଦିନ ଓ ନିର୍ବାଚନ ସମୟରେ ଏହି ଶୁଣାଣି ବନ୍ଦ ରହୁଥିଲା। ତେବେ ପ୍ରଶାସନିକସ୍ତରରେ ଜନଶୁଣାଣି ହେଉଥିଲେ ମଧ୍ୟ ବିଗତ ଦେଢ଼ଦଶନ୍ଧି ମଧ୍ୟରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ କେବେବି ସିଧାସଳଖ ଜନ ଅଭିଯୋଗ ଶୁଣାଣି କରିନଥିବା ଜଣାପଡ଼ିଛି।



## ଅଯୋଧ୍ୟା ରାମ ପଥରେ ବଡ଼ ବଡ଼ ଖାଲ: ୬ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୨୯/୬ : ବର୍ଷାରେ ବେହାଲ ଅଯୋଧ୍ୟା। ରାମ ମନ୍ଦିର ପ୍ରତିଷ୍ଠା ବେଳେ ଚକ୍ ଚକ୍ କରୁଥିବା ରାସ୍ତା ଏବେ ସାଜିଛି ମରଣଯନ୍ତା। ରାମ ପଥରେ ସୃଷ୍ଟି ହୋଇଛି ବଡ଼ ବଡ଼ ଖାଲ, ତ ଆଉ କେଉଁଠି ଧୋଇ ହୋଇଯାଇଛି ରାସ୍ତା। ରାମ ମନ୍ଦର ଉଦ୍‌ଘାଟନକୁ ୬ ମାସ ନ ବିତୁଣୁ, ପ୍ରଥମ ବର୍ଷା ପରେ ହିଁ ଏହାର ନିର୍ମାଣ କାର୍ଯ୍ୟକୁ ନେଇ ଉଠିଛି ପ୍ରଶ୍ନ। ଗୋଟିଏ ପଟେ ବର୍ଷା ଯୋଗୁ ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟପଟେ ମନ୍ଦିରର ଶୀଘ୍ର ନିର୍ମାଣକୁ ନେଇ ପ୍ରଶ୍ନ ଉଠିଛି। ବର୍ଷା ପରେ ରାମ ମନ୍ଦିରକୁ ଯାଉଥିବା ରାମ ପଥ ରାସ୍ତା ଅନେକ ସ୍ଥାନରେ ଧସି ଯାଇଛି। ୧୪ କିଲୋମିଟର ବ୍ୟାସାର୍ଦ୍ଧରେ ବଡ଼ ବଡ଼ ଗାତ ଦୃଶ୍ୟମାନ ହେଉଛି। ଏହାକୁ ନେଇ ଆକ୍ସନମୁଡ୍ ଆସଛନ୍ତି ଉତ୍ତର ପ୍ରଦେଶ ସରକାର। ନିର୍ମାଣ କାର୍ଯ୍ୟରେ ଅବହେଳା ଯୋଗୁ ୬ ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ସେପଟେ ଭକ୍ତଙ୍କ ପ୍ରତି କୌଣସି ଅସୁବିଧା ନହେବା ପାଇଁ ତୁରନ୍ତ ରାସ୍ତାର ମରାମତି କରାଯାଇଛି ▶▶ପୃଷ୍ଠା ୭

## ମହାନଦୀ କୂଳରୁ ୮ ବର୍ଷର ବାଳକକୁ ଟାଣିନେଲା କୁମ୍ଭୀର

ଅନୁଗୋଳ, ୨୯/୬ (ନି.ପ୍ର): ମହାନଦୀ କୂଳରେ ଖେଳୁଥିବା ସମୟରେ ଜଣେ ୮ ବର୍ଷର ବାଳକଙ୍କୁ ଟାଣିନେଲା କୁମ୍ଭୀର। ଏହି ଦୁଃଖଦ ଘଟଣା ଘଟିଛି ଅନୁଗୋଳ ଜିଲ୍ଲାର ସାତକୋଶିଆ ଗଣ୍ଡ ନିକଟ ଟିକରପଡ଼ା ଗାଁରେ। ମୃତ ନାବାଳକଙ୍କ ନାଁ ସମୀର ନାଏକ। ତାଙ୍କ ଘର ଟିକରପଡ଼ା ଘାଟସାହିରେ। ତାଙ୍କ ବାପାଙ୍କ ନାଁ ସୁରେଶ ନାଏକ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବାହିନୀ ପିଲାଟିକୁ ମହାନଦୀରେ ଖୋଜାଖୋଜି କରିଥିଲେ। ଖୋଜାଖୋଜି କରିବାର କିଛି ସମୟ ପରେ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପିଲାଟିର ମୃତ୍ୟୁ ▶▶ପୃଷ୍ଠା ୭

## ବଲ୍ଲେ ବଲ୍ଲେ ଢାବାର ଲିଜ୍ ନେଇଛନ୍ତି ବିଜେଡି ନେତ୍ରୀ ଏଲିନା ଦାସଙ୍କ ସ୍ୱାମୀ!




ଯାଜପୁର, ୨୯/୬ (ନି.ପ୍ର): ବଲ୍ଲେ ବଲ୍ଲେ ଢାବାର ଲିଜ୍ ନେଇଛନ୍ତି ବିଜେଡି ନେତ୍ରୀ ଏଲିନା ଦାସଙ୍କ ସ୍ୱାମୀ ସନ୍ଦୀପନ ମହାନ୍ତି! ଢାବାରେ ଲଟକା ଲାଗିବା ପରେ ଆଜି ସ୍ଥାନୀୟ ଅଞ୍ଚଳର ଲୋକମାନେ ଏନେଇ ମୁହଁ ଖୋଲିଛନ୍ତି। ବେଆଇନ୍ ଭାବେ ପୂର୍ବତନ ବିଜେଡି ବିଧାୟକ ଢାବା ଚଲାଇବା ପାଇଁ ଏଲିନା ଦାସଙ୍କ ସ୍ୱାମୀଙ୍କୁ ଦେଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଯାଜପୁର ଜିଲ୍ଲା ନେଉଳପୁରରେ ରହିଛି ଧର୍ମଶାଳା ଭବନ। ସରକାରୀ, ବିଧାୟକ ଓ ସାଂସଦ ପାଣ୍ଠିରେ ଏହି ଭବନ ତିଆରି କରାଯାଇଥିଲା। ରାଜସ୍ୱ ବଢ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ଭବନ ନିର୍ମାଣ କରାଯାଇଥିଲା। ହେଲେ ଏହାର ରକ୍ଷାବେକ୍ଷଣା ଦାୟିତ୍ୱ କାହା ପାଖରେ ରହିଥିଲା, ସେ ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନଥିଲା। ଯେଉଁଥିପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ ନବ ନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ। ଏହା ପରେ ଢାବାରେ ଲଟଗା ଲଗାଇବା ପାଇଁ ଧର୍ମଶାଳା ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ବଲ୍ଲେ ବଲ୍ଲେ ଢାବାରେ ଲଟକା ଲାଗିବା ପରେ ଆଜି ଅସନ୍ତୋଷ ଝାଡ଼ିଛନ୍ତି ସ୍ଥାନୀୟ ଅଞ୍ଚଳର ଲୋକ। ଏନେଇ ସ୍ଥାନୀୟ ଅଞ୍ଚଳର ସଂଜୀବ ଜେନାଙ୍କ କହିଛନ୍ତି, ଧର୍ମଶାଳା ଭବନ ▶▶ପୃଷ୍ଠା ୭

## କିସ୍ ଜମି ବାବଦରେ ତଥ୍ୟ ମାଗିଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ୨୯/୬ (ନି.ପ୍ର): କିସ୍ ଜମି ବିବାଦ ମାମଲାରେ ପ୍ରତିକ୍ରିୟା ରଖିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ଏହି ଜମି ବିବାଦ ସମ୍ପର୍କୀତ ସମ୍ପୂର୍ଣ୍ଣ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୦ ମସିହାରେ ୧୦ ଏକର ପରିମିତ ଜଙ୍ଗଲ ଜମିକୁ ତତ୍କାଳୀନ ରାଜ୍ୟ ସରକାର କିସ୍ ଆଦିବାସୀ ସ୍କୁଲକୁ କେବଳ ବ୍ୟବହାର ଉଦ୍ଦେଶ୍ୟରେ ଦେଇଥିଲେ। ନିୟମ ଅନୁସାରେ ଏହି ଜମିକୁ ହସ୍ତାନ୍ତର କରାଯାଇପାରିବ ନାହିଁ କିମ୍ବା ଏହାର କିସମ ମଧ୍ୟ ପରିବର୍ତ୍ତନ କରାଯିବ ନାହିଁ। କେବଳ ବ୍ୟବହାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବ ଏବେ ମଧ୍ୟ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ବିଚାରାଧୀନ ରହିଛି। ଏ ନେଇ ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ରାଜ୍ୟ ସରକାର ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ▶▶ପୃଷ୍ଠା ୭

## ବଢ଼ିଲା ଦିଦିଙ୍କ ଅଡୁଆ: ହାଇକୋର୍ଟ ଗଲେ ରାଜ୍ୟପାଳ



ନୂଆଦିଲ୍ଲୀ, ୨୯/୬ : ପଶ୍ଚିମବଙ୍ଗରେ ଜାରି ରହିଛି ମୁଖ୍ୟମନ୍ତ୍ରୀ ବନାମ ରାଜ୍ୟପାଳଙ୍କ ଲଢ଼େଇ। ଶୁକ୍ରବାର କଲିକତା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ରାଜ୍ୟପାଳ ସିବି ଆନନ୍ଦ ବୋଷ। ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ମାନହାନୀ ମକଦ୍ଦମା ରୁଜୁ କରିଛନ୍ତି। ଫଳରେ ମମତା ବାନାର୍ଜୀଙ୍କ ଅଡୁଆ ବଢ଼ିଛି। ଦୁଇ ଦିନ ପୂର୍ବେ ମମତା କହିଥିଲେ ଯେ ରାଜ ଭବନରେ ଘଟୁଥିବା ଘଟଣା ଯୋଗୁ ମହିଳାମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି ବୋଲି ତାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ବୟାନକୁ ବିରୋଧ କରି ଏବେ ରାଜ୍ୟପାଳ ତାଙ୍କ ବିରୋଧରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ପଶ୍ଚିମବଙ୍ଗ ରାଜ୍ୟପାଳ ଏହା ପୂର୍ବରୁ ମମତା ବାନାର୍ଜୀଙ୍କ ଏହ ବିବାଦୀୟ ବୟାନକୁ ନେଇ ସମାଲୋଚନା କରିଥିଲେ। କହିଥିଲେ ଯେ ଜନ ପ୍ରତିନିଧୀମାନେ ମିଥ୍ୟା ଏବଂ ବଦନାମ ଭାବନା ସୃଷ୍ଟି କରିବେ ନାହିଁ ବୋଲି ଆଶା କରାଯାଉଛି। ସୂତ୍ରରୁ ପ୍ରକାଶ ଯେ ରାଜ୍ୟପାଳ କିଛି ଟିଏମସି ନେତାଙ୍କ ବିରୋଧରେ ମଧ୍ୟ ମାନହାନୀ ମକଦ୍ଦମା ରୁଜୁ କରିଛନ୍ତି। କହିରଖୁ ଯେ, ଗୁରୁବାର ରାଜ୍ୟ ସଚିବାଳୟରେ ଏକ ପ୍ରଶାସନିକ ବୈଠକ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କହିଥିଲେ ଯେ ସମ୍ପ୍ରତି ଘଟଣା ହେତୁ ମହିଳାମାନେ ରାଜ ଭବନକୁ ଯିବାକୁ ଭୟ କରୁଛନ୍ତି ବୋଲି ମହିଳାମାନେ ତାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମେ’ ୨ ତାରିଖରେ ରାଜଭବନର ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀ ରାଜ୍ୟପାଳ ସିବି ଆନନ୍ଦ ବୋଷଙ୍କ ବିରୋଧରେ ଅସଦାଚରଣ କରିଥିବା ଅଭିଯୋଗ ଆଣିଥିଲେ। ଏହା ପରେ କୋଲକାତା ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଥିଲା।

# ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲା: ୧୪ ଦିନ ନ୍ୟାୟିକ ହେପାଜତକୁ ଗଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୯/୬ : ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ୧୪ ଦିନ ନ୍ୟାୟିକ ହେପାଜତକୁ ପଠାଯାଇଛି। ସିବିଆଇ ତାଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ନେଇଛି। ତଦନ୍ତ ଏବଂ ନ୍ୟାୟର ସ୍ୱାର୍ଥ ପାଇଁ କେଜ୍ରିୱାଲଙ୍କୁ ରିମାଣ୍ଡରେ ନିଆଯାଇଥିବା କହିଛି ସିବିଆଇ। କେଜ୍ରିୱାଲ ତିନି ଦିନିଆ ରିମାଣ୍ଡ ଅବଧି ଶେଷ ହେବା ପରେ ଆଜି ତାଙ୍କୁ ରାଉଜ ଆଭେନ୍ୟୁ କୋର୍ଟରେ ହାଜର କରିଥିଲା ସିବିଆଇ। କେଜ୍ରିୱାଲ ତଦନ୍ତରେ ସହଯୋଗ କରିନଥିବା ସିବିଆଇ ଅଭିଯୋଗ କରିବା ସହ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଏ ଉପରେ ଶୁଣାଣି କରି କୋର୍ଟ ରାୟ ସଂରକ୍ଷିତ ରଖିଥିଲେ ଏବଂ ପରେ କେଜ୍ରିୱାଲଙ୍କୁ ୧୪ ଦିନ ପଇଁ ନ୍ୟାୟିକ ହେପାଜତରେ ନେବା ପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି। ଆସନ୍ତା ଜୁଲାଇ ୧୨ରେ ଭିଡିଓ କନଫରେନ୍ସିଂ ଜରିଆରେ କୋର୍ଟରେ ହାଜର ହେବେ କେଜ୍ରିୱାଲ। ପ୍ରକାଶ ଥାଉକି, ଜୁନ୍ ୨୬ରେ କେଜ୍ରିୱାଲଙ୍କୁ ଗିରଫ କରିଥିଲା ସିବିଆଇ। ଅବକାରୀ ନୀତିରେ ଅର୍ଥ ହେରଫେର୍ ଅଭିଯୋଗରେ ତିହାର ଜେଲରେ ଥିବାବେଳେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଏହା ପରେ ତିନି ଦିନ ଜେରା କରିବା ପରେ ପୁଣି ନ୍ୟାୟିକ ହେପାଜତକୁ ନେଇଛି।

# ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କୋରାପୁଟ ଗସ୍ତ

ଜୟପୁର, ୨୯/୬ (ନି.ପ୍ର): ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ କୋରାପୁଟରେ ପହଂଚିବା ପରେ ଦଳୀୟ ନେତା ଓ କର୍ମୀ ସ୍ୱତନ୍ତ୍ର ସର୍କିଟ ହାଉସରେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀ ଉଦବୋଧନ ଦେଇ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାରଙ୍କ ପ୍ରାଥମିକତା ରହିବ ବୋଲି କହିଥିଲେ । ସଠିକ୍ ସମୟରେ ଲୋକଙ୍କୁ ରାସନ ଯୋଗାଣ କରାଇବାକୁ ଗୁରୁତ୍ୱ ଦେବା ସହ ଚାଉଳ,ଗହମ, ତେଲ ସାବୁନ, ଡାଲି ଭଳି ଅତ୍ୟାବଶକ ସାମଗ୍ରୀ ସୁଲଭ ମୂଲ୍ୟରେ କାର୍ଡଧାରିଙ୍କୁ ଯୋଗାଇବା ନେଇ ସରକାର ଚିନ୍ତା କରୁଥିବା ମନ୍ତ୍ରୀ କହିଥିଲେ । କାର୍ଡ ପାଇବାରେ ବଂଚିତ ଗରୀବ ଲୋକଙ୍କୁ ଚିହ୍ନଟ କରି କାର୍ଡ ବଣ୍ଟନ କରାଯିବ। ଏଥିନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ଜିନିଷର ବେଆଇନ ଭାବେ ଦରଦାମ ବୃଦ୍ଧି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ କିଣିବା ବେଳେ ଚାଷୀ କଟନି ଛଟନିର ଶିକାର ହେବେ ନାହିଁ ବୋଲି ସେ ଚାଷୀଙ୍କୁ ଭରସା ଦେଇଛନ୍ତି । ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ଦରରେ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ସମୀକ୍ଷା ବୈଠକରେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପ ଭତ୍ରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରି ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ । ସେହିଭଳି କୋରାପୁଟ ଜିଲ୍ଲାରେ ବିଜ୍ଞାନ ପାର୍କ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ତୁଳସୀକ୍ଷେତ୍ର ଇସିଏମ୍ ମହାସଂଘର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା , ୨୯/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ତୁଳସୀକ୍ଷେତ୍ର ଇସିଏମ୍ ମହାସଂଘର ସଦସ୍ୟାମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଦସ୍ୟାମାନେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହ୍ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କର ସମସ୍ୟା ହେଉଛି ଜଣେ ଇସି ସଦସ୍ୟା ପ୍ରତି ମାସରେ ନିଜ ଦାୟିତ୍ୱରେ ଥିବା ଗୃପ୍‌ମାନଙ୍କ ଠାରୁ ୩୦ଟଙ୍କା ଆଦାୟ କରି ମହାସଂଘରେ ପୈଠ କରିଥାଏ । କିନ୍ତୁ ଏମ୍‌ବିକେ ବର୍ଷବର୍ଷ ଧରି ତାର କୌଣସି ହିସାବ ଦେଉନାହାଁନ୍ତି। ସରକାରଙ୍କ ତରଫରୁ ମହିଳା ମାନଙ୍କ ପାଇଁ ଆସୁଥିବା ଯୋଜନାଗୁଡିକ ଇସି ସଦସ୍ୟାମାନଙ୍କୁ ନଜଣାଇ କିମ୍ବା କୌଣସି ବୈଠକ ନଡାକି କେବଳ ସାଧା ଖାତାରେ ଏମ୍‌ବିକେ ଜବରଦସ୍ତ ଦସ୍ତଖତ କରାଇନେଇ ନିଜ ଘରେ ମନଇଛା ରିଜୋଲେସନ ଲେଖୁଛନ୍ତି । ଏହାକୁ ପ୍ରତିରୋଧ କଲେ ସଦସ୍ୟା ପଦରୁ ବାହାର କରିଦେବାକୁ ଧମକ ଦେଉଛନ୍ତି । ବହୁ ପ ାୟତରେ ଏମବିକେ ଓ ସିଆରପିମାନେ ସେମାନଙ୍କ ଦରମା ପାଉଥିବା ବେଳେ ଇସି ସଦସ୍ୟାମନଙ୍କ ଗସ୍ତ ଖର୍ଚ୍ଚ ୧୪ମାସ, ୧୬ ମାସ, ୧୮ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଉ ନାହିଁ । ଜିଏଲ୍‌ଏଫ୍ ସ୍ତରରେ ଥିବା ଅଫିସିଆଲ୍ ଡକ୍ୟୁମେ ମହାସଂଘର ସଭାପତି ଓ ସମ୍ପାଦକଙ୍କୁ ନଜଣାଇ ମାସ ମାସ ଧରି କୌଣସି ବୈଠକ ନକରି ଜବରଦସ୍ତ ନିଜ ଘରେ ରଖିଛନ୍ତି। ଜିଏଲଏଫ ଆକାଉ କୁ ଆସୁଥିବା ଫଣ୍ଡର ସବିଶେଷ ବିବରଣୀ ବାରମ୍ବାର ମାଗିବା ସ ୍ୱେ ଏମ୍‌ବିକେ କିମ୍ବା ବ୍ଲକ ଅଧିକାରୀମାନେ ତାହାକୁ ପ୍ରଦାନ ନକରି ମନଇଚ୍ଛା ଅର୍ଥ ହେରଫେର କରୁଛନ୍ତି। ଅନେକ ପ ାୟତରେ ଇସି ସଦସ୍ୟା ସଂଖ୍ୟା ୨୫ଲକ୍ଷ ୩୦ହଜାର ୩୫ଜଣ ଥିବାବେଳେ କେବଳ ୧୮ଜଣଙ୍କ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇଛି । ବ୍ଲକ ଅଧିକାରୀଙ୍କୁ ପଚାରିଲେ କୌଣସି ଉ ର ନଦେଇ ସେହି ଟଙ୍କାକୁ ସମସ୍ତେ ଭାଗଭାଗ କରି ନେବାକୁ କହୁଛନ୍ତି । ନିକଟରେ ପ୍ରଦାନ କରାଯାଇଥିବା ବ୍ଲେଜର ବାବଦ ଅର୍ଥ ମଧ ସମାନ ଅସୁବିଧା ହେଉଛି । ସେମାନଙ୍କର ଦ ାବି ହେଉଛି ଯେହେତୁ ଇସି ସଦସ୍ୟାମାନେ ଅର୍ଥ ଆଦାୟଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଶନ ଶକ୍ତି ବିଭାଗ ପାଇଁ ବହନ କରି ଆସୁଛନ୍ତି । ସିଆରପି ମାନଙ୍କ ଭଳି ସେମାନଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରାଗଲ । କାରଣ ସରକାର ଆମ ମାନଙ୍କ କାମକୁ ସେତିକି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି କରିଥିବାରୁ ଆମ୍ଭମାନଙ୍କୁ ବ୍ୟାଙ୍କ ଲୋନରେ ସ୍କୁଟି ପ୍ରଦାନ, ବ୍ଲେଜର ଇତ୍ୟାଦି ଦେଇଥିବା ବେଳେ ମୁଖ୍ୟ ସମସ୍ୟାକୁ ସମାଧାନ କରିବା ସହିତ ସେମାନଙ୍କୁ ସ୍ଥାୟୀ ସଦସ୍ୟା ଭାବରେ ଗ୍ରହଣ କରନ୍ତୁ ଓ ଠିକ୍ ସମୟରେ ଦରମା ପ୍ରଦାନ କରନ୍ତୁ। ଉକ୍ତ ସମସ୍ୟା ଗୁଡିକର ସମାଧାନ କରି ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଦସ୍ୟାମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

## ସ୍କୁଲ୍ ପିଅନଙ୍କ ବିୟୋଗରେ ଶୋକସଭା

ପୁରୀ, ୨୯/୬ (ନି.ପ୍ର): କାତ୍ୟାୟନୀ ନୋଡାଲ ହାଇସ୍କୁଲର ଏକମାତ୍ର ପିଅନ ସୁକାନ୍ତ କୁମାର ଜେନାଙ୍କର ପରଲୋକ ଘଟିଛି । କିଛିଦିନ ତଳେ ତାଙ୍ଦେହ ଅସୁସ୍ଥ ଥିବାରୁ ତାଙ୍କୁ ମେଡ଼ିକାଲରେ ଗୁରୁତର ଅବସ୍ଥାରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ତାଙ୍କ ଘର ଚାଳିଶିବାଟିଆ ଗ୍ରାମରେ। ସେ ଜଣେ ସ୍ନେହି, ମେଳାପି ତଥା ପରୋପକାରୀ ମଣିଷ ଥିଲେ। ପିଅନ ଭାବେ ୧୯୮୫ ମସିହାରେ ସେ ବିଦ୍ୟାଳୟରେ ଯୋଗଦେଇ ଥିଲେ। ତାଙ୍କ ମୃତ୍ୟୁରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଏକମାତ୍ର ପୁତ୍ର ଜୀବନ ଜ୍ୟୋତି (ସୋନୁ) ସ୍ୱର୍ଗଦ୍ୱାରରେ ତାଙ୍କୁ ମୁଖଗ୍ନୀ ପ୍ରଦାନ କରିଥିଲେ। ସ୍ତ୍ରୀ ନିରୁପମା, ଝିଅ ପୂଜା ଓ ପରିବାର ସମୂହ ସେଠାରେ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟତ୍ରୀ ପଙ୍କଜିନି ମହାନ୍ତି, ସହ ଶିକ୍ଷୟତ୍ରୀ ସୁଲୋଚନା ମହାପାତ୍ର, ପରିଚାଳନା କମିଟି ସଭାପତି ଦେବରାଜ ସାହୁ, ଗ୍ରାମ୍ୟ ସଭାପତି ଅପର୍ତି ପଲେଇ, ପୁରାତନ ଛାତ୍ର ସଂସଦର ସଭାପତି ରାଜକିଶୋର ସାହୁ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ବର୍ତମାନ ୫୦୦ ଛାତ୍ର ଛାତ୍ରୀ ବିଶିଷ୍ଟ ବିଦ୍ୟାଳୟରେ ପିଅନର ଅଭାବ ରହିଛି।

# ଜଙ୍ଗଲକୁ ସୁରକ୍ଷା ଦେବା ନାଁରେ ଶହଶହ ମୂଲ୍ୟବାନ ଗଛ ନଷ୍ଟ : ଠିକାଦାର ମାଲେମାଲ୍, ବନବିଭାଗ ଚୁପ୍

ହରିଚନ୍ଦନପୁର, ୨୯/୬ (ନି.ପ୍ର): ଜଙ୍ଗଲ ଆମର ଜାତୀୟ ସମ୍ପଦ ଏହାର ସୁରକ୍ଷା ଆମ ଦାୟିତ୍ୱ, କିନ୍ତୁ ଜଙ୍ଗଲ ସୁରକ୍ଷା କରିବାକୁ ଯାଇ ଶହ ଶହ ମୂଲ୍ୟବାନ ଗଛ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ଦେଓଗାଁ ରେଞ୍ଜ ଭଗାମୁଣ୍ଡା ବନପାଳ ଅଧିନସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରେ ଦେଖିବାକୁ ମିଳିଛି । ଲାଭଖୋର ଠିକାଦାର ଓ ବନବିଭାଗ ଖାମଖିଆଲି ମନୋଭାବ ନେଇ ନିର୍ମାଣ ହୋଇଛି ଦେଢରୁ ଦୁଇ କିଲୋମିଟର ବିଶିଷ୍ଟ ବନାଚଂଳ ବର୍ଷା ଜଳ ସଂରକ୍ଷଣ ବନ୍ଧ । ଯାହାର ଉଦ୍ଦେଶ୍ୟ ଜଙ୍ଗଲ ପାର୍ଶ୍ୱରେ ବର୍ଷା ଜଳ ସଂରକ୍ଷଣ ତଥା ବନ ମୃତିକାକୁ ଉର୍ବର କରିବା । ତେବେ ଏଠାରେ ପ୍ରଶ୍ନ ଉଠୁଛି ନିର୍ମାଣ ସ୍ଥାନରେ ଥିବା ଗଛ ଗୁଡିକର ସୁରକ୍ଷା ଏବଂ ଦାୟିତ୍ୱ ଉପରେ ? ବନ ବିଭାଗର ଲକ୍ଷାଧିକ ଟଙ୍କାର ବ୍ୟୟ ବରାଦରେ ଏହି ବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ବନ୍ଧ ନିର୍ମାଣ କାର୍ଯ୍ୟରେ ଶହଶହ ମୂଲ୍ୟବାନ ଗଛକୁ ନଷ୍ଟ କରି ବନ୍ଧ ତଳେ ପୋତି ଦିଆଯିବା ସହ ଅନେକ ଶୁଖିଲା ଗଛ ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଛି । ବନ ବିଭାଗ ଏବଂ ଠିକାଦାର ଗଛର ସୁରକ୍ଷା ଉପରେ ଦୃଷ୍ଟି ନଦେଇ ଛୋଟ, ବଡ ଓ ମଧ୍ୟମ ଧରଣର ଗଛ ଗୁଡିକୁ ନଷ୍ଟ କରି ଦେଇଥିବା ବନ ସଂଲଗ୍ନ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଗୋଟିଏ ପଟେ ସରକାର ଜଙ୍ଗଲ ସୁରକ୍ଷା ସହିତ ବନୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି, କିନ୍ତୁ ଏଠାରେ ବନ ବିଭାଗ ଓ ଠିକାଦାର ଗଛ ଗୁଡିକର ସୁରକ୍ଷା ଦିଗରେ ଚିନ୍ତା ନକରି ଅଧିକ ଅର୍ଥ ଲାଭ ଆଶାରେ ଗଛ ଗୁଡିକୁ ନଷ୍ଟ କରିଥିବା ନଜରକୁ ଆସିଛି । ତେବେ ଗୋଟିଏ ପଟେ ଜଙ୍ଗଲ ସୁରକ୍ଷା ତ ଆଉ ଗୋଟିଏ ପଟେ ଗଛ ଗୁଡିକର କ୍ଷୟକ୍ଷତି ନେଇ ଅଟେଇ ସଂରକ୍ଷିତ ଜଙ୍ଗଲରେ ଏକ ବଡ ଦୁର୍ନୀତି ହୋଇଥିବାର ଅଂଚଳରେ ଚର୍ଚ୍ଚା ଯୋର୍ ଧରିଛି । ଏଥିପ୍ରତି ବନବିଭାଗର ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେଇ ସଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣରେ ଦାବି ହୋଇଛି ।

# ସୁକତେଲ ବିସ୍ଥାପିତଙ୍କ କଲୋନୀରେ ପିଇବା ପାଣି ସମସ୍ୟା

ବଲାଙ୍ଗିର, ୨୯/୬ (ନି.ପ୍ର): ଆଗାମୀ ଦିନରେ ଲୋୟର ସୁକତେଲ ବନ୍ଧରୁ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ହଜାର ହଜାର ହେକ୍ଟର ଜମି ଜଳସେଚିତ ହେବ । ବଲାଙ୍ଗିର ସହରକୁ ପିଇବା ପାଣି ଯୋଗାଇ ଦିଆଯିବ । ଏଥିପାଇଁ ବିସ୍ଥାପିତ ହୋଇଛନ୍ତି ହଜାର ହଜାର ପରିବାର । ଖୁଂଟାପାଲି ଗ୍ରାମବାସୀଙ୍କୁ ବଲାଙ୍ଗିର ସହର ଉପକଣ୍ଠ ସଦାଇପାଲି ଲର୍କିପାଲି ପଂଚାୟତ ଅଂଚଳରେ ଥଇଥାନ କରାଯାଇଛି । କିନ୍ତୁ ଏହି ଥଇଥାନ କଲୋନୀର ବ୍ଲକ ଡିରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି ଫଳରେ ଖୁଂଟପାଲି ଗ୍ରାମବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାନୀୟ ଜଳ ଯୋଗାଣରେ ନିୟମିତତା ନାହିଁ । ଦିନେ ପାଣି ଆସିଲେ ପାଂଚ ଦିନ ଆସୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ହାରିଗୁହାରି କଲେ ବେଶିରେ ଅଧଘଂଟା ପାଣି ଯୋଗାଇ ଦିଆଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଥଇଥାନ ଦେଇ କଲୋନୀରେ ପର୍ଯ୍ୟାପ୍ତ ସଂଖ୍ୟକ ବୋରୱେଲ ନଥିବାରୁ ସେମାନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ଅନ୍ୟ ଥଇଥାନ କଲୋନୀ ଗୁଡ଼ିକରେ ମଧ ପାନୀୟ ଜଳକୁ ନେଇ ବିସ୍ଥାପିତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳର ସ୍ଥାୟୀ ପ୍ରତିକାର ପାଇଁ ବ୍ଲକ ଡି କଲୋନୀର ନିଳମଣି ମେହେର, କାଶୀନାଥ ପଶାୟତ, ରକ୍ଷକ ସାହୁ, ଗୋଲେକ ପଧାନ, ହାଡୁ କୁମରା, ଶିବ ପଟେଲ, ସୁନୀଲ ସାହୁ, ରଘୁନାଥ ସାହୁ, ବନମାଳୀ ସାହୁ, ବିଶ୍ୱନାଥ ସାହୁ ପ୍ରମୁଖ ଗ୍ରାମବାସୀ ଏକ ପ୍ରେସ ବିବୃତି ମାଧ୍ୟମରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲ୍ଲାର ଜଳାଭାବକୁ ଦୂର କରିବା ପାଇଁ ବିସ୍ଥାପିତ ହୋଇଥିବା ଲେକେ ଜଳାଭାବର ସମ୍ମୁଖୀନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ରାଜ୍ୟର ବିଶିଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ ପଣ୍ଡା କହିଛନ୍ତି ।

# ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକମାନଙ୍କ ବିପଦସଙ୍କୁଳ କାର୍ଯ୍ୟରେ ନିରାକରଣ ସଚେତନତା ସଭା

ମାଲକାନଗିରି, ୨୯/୬ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକ ମାନଙ୍କ ବିପଦ ସଙ୍କୁଳ କାର୍ଯ୍ୟରେ ନିରାକରଣ ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ସମ୍ବିଧାନରେ ଉଲ୍ଲେଖ ଥିବା ମୌଳିକ ଅଧିକାର ସମେତ ବିଭିନ୍ନ ଧାରା ବିଷୟରେ ଆଲୋକପାତ କରିଥିଲେ। ତତ୍ ସହିତ ସମାଜରେ ଶିଶୁଙ୍କୁ ଶ୍ରମ କ୍ଷେତ୍ରରେ ନିୟୋଜିତ କରିବାର ମାନସିକତା ଦୂର କରିବାର ଆବଶ୍ୟକତା ରହିଛି ଓ ଏଥି ନିମନ୍ତେ ସମସ୍ତଙ୍କର ସହଭାଗିତା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ଶିକ୍ଷା ପ୍ରତି ସଚେତନତା ସାଙ୍ଗକୁ ଉପଯୁକ୍ତ ଥଇଥାନ ମାଧ୍ୟମରେ ଏହା ଲୋପ ପାଇପାରିବ ଓ ଶିଶୁଟିଏ ନିଜର ଉଜ୍ଜଳ ଭବିଷ୍ୟତ ଗଠନ ଦିଗରେ ଆଗେଇ ପାରିବ ବୋଲି ମଧ ସେ ମତ ପରିପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାଗୀୟ ଶ୍ରମ ଆୟୁକ୍ତ, ପ୍ରସନ୍ନ ପାଣିଗ୍ରାହୀ ବିସ୍ତୃତ ଭାବେ ଏହା ସମ୍ପର୍କିତ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ବୋଲି ସେ ସୂଚନା ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ କିମ୍ବା ଜିଲ୍ଲାପାଳଙ୍କୁ ଅବଗତ କରାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏତଦ୍ ବ୍ୟତୀତ, ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲଡ ଲାଇନ ନମ୍ବର ୧୦୯୮ କୁ ଯୋଗାଯୋଗ କରିବାରେ ବୋଲି ମଧ ସେ ସୂଚନା ଦେଇଛନ୍ତି। ବିଭିନ୍ନ ଅନୁଷ୍ଠାନରୁ ଯୋଗ ଦେଇଥିବା ସଂସାଧନ ସଭ୍ୟମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିବା ସହ ଏହା ସହ ଜ ଡ଼ିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ, ଜିଲ୍ଲା ମଙ୍ଗଳ କମିଟି, ଅଧ୍ୟକ୍ଷ, ସଂଯୁକ୍ତା ପ୍ରଧାନ, ସହକାରୀ ଶ୍ରମ ଅଧିକାରୀ, ପୂର୍ଣ୍ଣିମା ଡୁରୁକା, ତନ୍ମୟ ମଣ୍ଡଳ, ଡ଼ାଲସା ସଦସ୍ୟ, ଅଶୋକ ପଟ୍ଟନାୟକ, ଇନ୍ଦିରା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୁଦେଶ୍ନା ରାଉତ ଓ ଟ୍ରେଡ ୟୁନୀୟନ୍ ସଭାପତି, ଦୁର୍ଗା ତ୍ରିପାଠୀ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏନ ଜିଓ ସଂସ୍ଥା, ମିଲର ସଦସ୍ୟ, ଚାମ୍ବର ଅଫ କମର୍ସ, ନିର୍ମାଣ ଶ୍ରମିକ, ଚାଇଲ୍ଡ ଲାଇନ ଓ ଶ୍ରମ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନକଲି ନର୍ସ ପରେ ଏବେ ନକଲି ଡାକ୍ତର: ରାଉରକେଲା ସରକାରୀ ଡାକ୍ତରଖାନା ଉପରୁ ଲୋକାଙ୍କ ଭରସା ତୁଟିଯାଉଛି

ରାଉରକେଲା, ୨୯/୬ (ନି.ପ୍ର): ରାଉରକେଲା ସରକାରୀ ଡାକ୍ତରଖାନା, କେତେବେଳେ ଏଠି ନକଲି ନର୍ସ ତ ଆଉ କେତେବେଳେ ପରୀକ୍ଷା ରିପୋର୍ଟକୁ ନେଇ ବିଭ୍ରାଟ, ଏତିକି ଭିତରେ ଏହା ସିମିତ ହୋଇ ରହିଲା ନାହିଁ ଶେଷରେ ଏଠାରେ ଡାୟଲିସିସ ଭଳି ଗୁରୁତ୍ୱପୁର୍ଣ ବିଭାଗରେ ଜଣେ ନକଲି ଡାକ୍ତର କାମ କରିବା ଓ ତାଙ୍କ ଦ୍ୱାରା କିଡନି ଭଳି ଅଙ୍ଗର ଚକିତ୍ସା ହେବା ଘଟଣା ପଦାକୁ ଆସିବା ପରେ ଏହି ସରକାରୀ ଡାକ୍ତରଖାନା ଉପରୁ ଲୋକଙ୍କର ଏକ ପ୍ରକାର ଭରଷା ତୁଟିବାରେ ଲାଗିଛି । ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ଡକ୍ତରରଖାନା ଗୁଡିକରେ ଥିବା ଗୁରୁତ୍ୱପୁର୍ଣ ବିଭାଗର କାମ ଗୁଡିକୁ ଘରୋଇକରଣ କରି ହାତଚିକ୍କଣ କରିବା ଭଳି ଯୋଜନାର କାର୍ଯ୍ୟକାରୀତା ଓ ଜିଲ୍ଲା ମୁଖ୍ୟ ମାନଙ୍କର ନିରବତା ଲାଗି ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ପ୍ରହସନରେ ପରିଣତ ହୋଇଛି ଜାହାର ଜ୍ୱଳନ୍ତ ଉଦାହରଣ ରାଉରକେଲାରେ ଦେଖାଯାଇଛି । ରାଉରକେଲା ସରକାରୀ ଡାକ୍ତରଖାନାକୁ ସରକାରୀ ବେସରକାରୀ ସହାୟତାରେ ୧୧ଟି ଡାୟଲେସିସ ମେସିନ ଯୋଗାଇ ଦିଆଯାଇଥିଲା। ୨୦୨୧ ରୁ ଏହା ଚାଲିଥିବା ବେଳେ ଏହାକୁ ପରିଚାଳନା କରିବାକୁ ରାହିକେୟାର ପ୍ରାଭେଟ ଲିମିଟେଡ ସଂସ୍ଥାକୁ ଦିଆଯାଇଥିଲା। ଏହି ସଂସ୍ଥା ତାର କର୍ମଚାରୀଙ୍କ ସହ ଜଣେ ନକଲି ଡାକ୍ତରଙ୍କୁ ରଖି ମନଇଛା ସେବା ଦେଉଥିଲା। ତେବେ ଏନେଇ ପୁଲିସ ନିକଟରେ ଅଭିଯୋଗ ହେବା ପରେ ରଘୁନାଥପାଲ୍ଲୀ ପୁଲିସ ସଂପୃକ୍ତ ଡାକ୍ତରକୁ ବାନ୍ଧି କୋର୍ଟଚାଲାଣ କରିଛି, ତାର ନାମ ଓ ସାର୍ଟିଫିକେଟରେ ନାନା ତାଳମେଳର ଅଭାବ ରହିଥିବା ବେଳେ ଏହାର ଯାଂଚ ଚାଲିଛି । ତେବେ ଏହି ଘଟଣା ପରେ କିଡନି ରୋଗୀ ମହଲରେ ଆତଙ୍କ ଖେଳିଯାଇଛି। ସେପଟେ କିଛି ଦିନ ଲାଗି ଡାୟଲିସିସ କୁ ମଧ ଠିକା ସଂସ୍ଥା ବନ୍ଦ ରଖିଛି । ଏବେ ଏଠି ପ୍ରଶ୍ନ ଉଠୁଛି ସାଧାରଣ ଲୋକଙ୍କୁ ଯଦି ସେବା ଦିଆଜିବ ସରକାରୀ ଭାବେ ସେଠି ଏ ବେସରକାରୀ ଠିକା ସଂସ୍ଥା କାହିଁକି ପଶିବେ ?ଏହି ଡାକ୍ତରଖାନାର ଖାଲି ଏହି ବିଭାଗ ନୁହେଁ ଏଠାରେ ଥିବା ମଳ, ମୁତ୍ର, ରକ୍ତ ଆଦିର ପରୀକ୍ଷା, ଏକ୍ସରେ ଠାରୁ ଆରମ୍ଭ କରି ପ୍ରାୟ ଅଧିକାଂଶ ବିଭାଗକୁ ଘରୋଇ ସଂସ୍ଥା ହାତରେ ଟେକି ଦିଆଯାଇଛି, ମଳମୁତ୍ର ଏଠାରୁ ସଂଗ୍ରହ ହେବ, ପରୀକ୍ଷା ରିପୋର୍ଟ ଭୁବନେଶ୍ୱରରୁ ଆସିବ, ଏକ୍ସରେ ଏଠି ହେବ ରିପୋର୍ଟ ଆସିବ ଭୁବନେଶ୍ୱରରୁ । ମେଡିସିନ କିଣା କାରବାରରେ ବ୍ୟାପକ ଲାଂଚ କାରବାର ଲାଗି କଂପାନୀ ମାନେ ଏଠାରେ ଦେଉଥିବା ମେଡିସିନ ଗୁଡିକ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି । ରାଜ୍ୟ ଭେଷଜ ନିୟନ୍ତ୍ରକଙ୍କର ଆନ୍ତରିକତାର ଅଭାବ ଲାଗି ସେଗୁଡିକୁ ପରୀକ୍ଷା ମଧ କରାଯାଉନାହିଁ । କେବଳ କିଛି ଅବସରପ୍ରାପ୍ତ ଓ ନୂଆ ଡାକ୍ତରଙ୍କ ଭରଷାରେ ଚାଲିଛି ଏ ଡାକ୍ତରଖାନା। ବସ୍ତି ବାସୀଙ୍କ ଠାରୁ ଆରମ୍ଭ କରି ଗରୀବ ମାନଙ୍କୁ ବାଧ ହୋଇ ଏଭଳି ଅର୍ଗଳୀରେ ବେକ ଦେଖାଇ ଭାଗ୍ୟକୁ ଆଦରୀ ସେବା ନିଆଚାଲିଛି । ଏହିଭଳି କିଛି ଦିନ ତଳେ ଏଠାରୁ ଜଣେ ନକଲି ନର୍ସ ବାହାରି ଥିଲେ ତାଙ୍କୁ ଆଜିଯାଏ ଧରାଯାଇନାହିଁ, ପୁଣି ବାହାରିଲେ ନକଲି ଡାକ୍ତର । ରାଉରକେଲା ଭଳି ସହର ସେଠି ପୁଣି ସରକାରଙ୍କର ଡାକ୍ତରଖାନାରେ ଏଭଳି ନକଲି କାରବାର ଏହି କଥାର ଗୁରୁତ୍ୱକୁ ରାଜ୍ୟ ସ୍ୱାସ୍ଥ ମନ୍ତ୍ରୀ ନିଶ୍ଚୟ ବୁଝୁଥିବେ, କାରଣ ସେ ମଧ ଜଣେ ସରକାରୀ ଅଧିକାରୀ ଥିଲେ ଓ ରାଉରକେଲା ଭଳି ଯାଗାରେ ଅତିନ୍ୟାୟପୂର୍ଣ୍ଣ ଭାବେ କାମ ମଧ କରିଥିଲେ, ଯାହାକୁ ଲୋକେ ଆଜିବି ମନେ ରଖିଛନ୍ତି। ତେବେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ନେଇ ପୂର୍ବ ସରକାରଙ୍କର ଏହା କିଭଳି କାରବାର ଏସବୁର କିଭଳି ମରାମତି ହେବ ତାକୁ ଯଥା ଶିଘ୍ର ସେ ଦୃଷ୍ଟି ଦେବେ ବୋଲି ଆଶା କରାଯାଉଛି ।

## ବ୍ରହ୍ମଗିରି ଉନ୍ନୟନ କମିଟି ସମୀକ୍ଷା ବୈଠକ

ପୁରୀ, ୨୯/୬ (ନି.ପ୍ର): ବ୍ରହ୍ମଗିରି ଉନ୍ନୟନ କମିଟିର ସମୀକ୍ଷା ବୈଠକ ବ୍ଲକ ସଭାଗୃହ ଠାରେ ଜିଲ୍ଲପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମଗିରି ବିଧାୟିକା ଉପାସନ ମହାପାତ୍ର ଯୋଗଦେଇ କହିଛନ୍ତି ଯେ, ଲୋକଙ୍କ ସମସ୍ୟାକୁ ଶୀଘ୍ର ସମାଧାନ କରାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା କିପରି ଲୋକମାନଙ୍କ ପାଖରେ ଶୀଘ୍ର ପହଂଚିବ ସେଥିପ୍ରତି ଅଧିକାରୀ ମାନେ ଅଧିକ ଧ୍ୟାନ ଦେବାପାଇଁ ଶ୍ରୀମତୀ ମହାପାତ୍ର ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା । ବ୍ରହ୍ମଗିରି ବ୍ଲକକୁ ରାଜ୍ୟର ଉନ୍ନତ ବ୍ଲକ ଭାବେ ଗଢ଼ିତୋଳିବା ପାଇଁ ମତ ପ୍ରକାଶ ପାଇଥିଲା । କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ ପୁରୀସଦର ବ୍ଲକର ଅଧିକାରୀ ମାନେ ଯୋଗଦେଇ ଆଲୋଚନା କରିଥିଲେ ।

# କନ୍ଧମାଳ ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୯/୬ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ କନ୍ଧମାଳ, ଶ୍ରମ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ମିଳିତ ସହଯୋଗରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ସଚେତନତା ବୈଠକ ଏବଂ ଶିଶୁଙ୍କ ପାଇଁ ଦିନଟିଏ ଶୀର୍ଷକ ଆଲୋଚନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, କନ୍ଧମାଳ ଆଶିଷ ଇଶ୍ୱର ପାଟିଲ୍ ଏଥିରେ ଅଧ୍ୟକ୍ଷତା କରି ସମ୍ପ୍ରସାରିତ ପରିବାର କିମ୍ବା ସମ୍ପର୍କୀୟମାନଙ୍କ ଘରେ ରହୁଥିବା ଅସୁରକ୍ଷିତ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକତାର ବିକାଶ ପାଇଁ ଦିଆଯାଉଥିବା ମାସିକ ଅନୁଦାନକୁ ଶିଶୁ ମଙ୍ଗଳ ସମିତି ପକ୍ଷରୁ ତଥ୍ୟ ପାଇବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାଲ୍ୟ ବିବାହ କରୁଥିବା ପୁଅ ଏବଂ ତା’’କୁ ସହଯୋଗକରୁଥିବା ବ୍ୟକ୍ତିଙ୍କ ନାମରେ ସ୍ଥାନୀୟ ଥାନାରେ ଏତଲା ଦାୟର କରିବାକୁ ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଚାଇଲ୍ଡ ଲାଇନ୍ ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏହାର ପରବର୍ତୀ ସମୀକ୍ଷା ବୈଠକକୁ ସେହି ଏତଲା କପି ସାଙ୍ଗରେ ଆଣି ଆସିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । କନ୍ଧମାଳ ଉପ-ଜିଲ୍ଲାପାଳ ଚିତରଞ୍ଜନ ମହାନ୍ତ କହିଲେ, ଏ ସମ୍ପର୍କୀତ ପ୍ରତ୍ୟେକ ଅଭିଯୋଗକୁ ଲିଖିତ ଆକାରରେ ଦେଲେ ତାଙ୍କ ତରଫରୁ କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ । ଶିଶୁମାନଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ଇଚ୍ଛାଶକ୍ତି ଆବଶ୍ୟକ ବୋଲି ଉପ-ଜିଲ୍ଲାପାଳ କହିଥିଲେ ।

ପାଓ୍ୱାର ପଏଂଟ ମାଧ୍ୟମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍ ସରକାରଙ୍କର ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଯେପରିକି ସ୍ପନ୍ସର୍ସିପ୍, ସେଥିପାଇଁ ଥିବା ଯୋଗ୍ୟତା, ଗ୍ରୀନ୍ ପ୍ୟାସେଜ୍ ଆଦି ଯୋଜନା ଉପରେ ଆଲୋଚନା କରିଥିଲେ । ଚାଇଲ୍ଡ ଲାଇନ୍ ର ଜିଲ୍ଲା ପ୍ରକଳ୍ପ ସଂଯୋଜକ କ୍ଷିରୋଦ ପ୍ରସାଦ ନାୟକ ତାଙ୍କ ପ୍ରକଳ୍ପର କାର୍ଯ୍ୟ ଉପରେ ଆଲୋଚନା କରିଥିବାବେଳେ, ଆକ୍ସନ୍ ଏଡ୍ ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ବାଲ୍ୟ ବିବାହ ଉପରେ କିଛି ତଥ୍ୟ ପ୍ରଦାନ କରିବା ସହିତ କିଶୋରୀ ବାଳିକା ମାନଙ୍କର ଗର୍ଭଧାରଣ ଏବଂ ତା’’ର କୁପରିଣାମ ଉପରେ ଆଲୋଚନା କରିଥିଲେ । ଫୁଲବାଣୀ ସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତି ।ନର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସେଠୀ ସୁଦକ୍ଷା ଯୋଜନାରେ କିଭଳି ମାଟ୍ରିକ ଫେଲ୍ ଛାତ୍ରୀମାନଙ୍କୁ ଷ୍ଟାଇପେଣ୍ଡ ସହ ତାଲିମ ଦେବା ବ୍ୟବସ୍ଥା ରହିଛି ଓ ତାଲିମ ପରେ ପ୍ରାୟ ପିଲାଙ୍କୁ ନିଯୁକ୍ତି ମିଳିଯାଉଛି ସେ ବିଷୟରେ ଆଲୋଚନା କରିଥିଲେ । ସେହି ପିଲାମାନେ ଆଇ.ଟି.ଆଇ. ସାର୍ଟିଫିକେଟ୍ ସହିତ ଏନ୍.ଆଇ.ଓ.ଏସ୍. ଦ୍ୱାଦଶ ଶ୍ରେଣୀ ପାସ୍ ସାର୍ଟିଫିକେଟ୍ ପାଇପାରିବେ । ସେହିପରି, ଜିଲ୍ଲା ଦକ୍ଷତା ବିକାଶ –ତଥା- ନିୟୋଜନ ଅଧିକାରୀ ପୁରୁଷୋତମ ମହାପାତ୍ର ଅଧାରୁ ପାଠ ଛାଡୁଥିବା ପୁଅମାନେ ସ୍ଥାନୀୟ ସରକାରୀ ବହୁବୃତି ବୈଷୟିକ ଶିକ୍ଷାନୁଷ୍ଠାନରେ କେଉଁ କେଉଁ ଟ୍ରେଡ୍ରେ ତାଲିମ ନେଇପାରିବେ ତାହା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଜିଲ୍ଲାର ଡ୍ରପ୍ ଆଉଟ୍ ପିଲାମାନଙ୍କୁ କାଉନସ୍ଲିଙ୍ଗ୍ କରି ବିଭିନ୍ନ ଟ୍ରେଡ୍ରେ ତାଲିମ ଦେବାପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ତେଜ୍ କୁମାର ବାଗେ କହିଲେ, ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଜିଲ୍ଲାରେ ସଚେତନତା ରଥ ପରିକ୍ରମା କରୁଛି । ଯଦି, କୌଣସି ଶିଶୁ ଦୋକାନ, ସଂସ୍ଥା, ହୋଟେଲ୍, ପେଟ୍ରୋଲ୍ ଟାଙ୍କି ଇତ୍ୟାଦିରେ କାମ କରୁଛି ତେବେ ଶ୍ରମ ବିଭାଗକୁ ଜଣାଇଲେ ବିଭାଗ ତୁରନ୍ତ ପଦକ୍ଷେପ ନେବ ବୋଲି ବାଗେ ସୂଚନା ଦେଇଥିଲେ । ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ, ସୁରକ୍ଷା ଅଧିକାରୀ ଶ୍ରୀମତୀ କ୍ରିଷ୍ଣା ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

ଆଜିର ଏହି ବୈଠକରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରଜତ କୁମାର ଦିଗାଲ, ଅତିରିକ୍ତ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର, ଶିଶୁ ସଂପର୍କୀତ କାର୍ଯ୍ୟ କରୁଥିବା ସମସ୍ତ ବିଭାଗୀୟ ଅଧିକାରୀ, ଶିକ୍ଷକ, ଅଧ୍ୟକ୍ଷ, ଆକ୍ସନ୍ ଏଡ୍, ସ୍ୱାତୀ, ବନବାସୀ, ପ୍ରେମ୍, ଜନ ବିକାଶ, ଉତ୍କଳ ବାଳାଶ୍ରମ, ସ୍ୱଧାର ଗୃହ ଏବଂ ଶିଶୁ ସଂପର୍କୀତ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ଥିଲେ।

# ଏବିଭିପି ପକ୍ଷରୁ କଲେଜର ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ସହ ଛାତ୍ରଛାତ୍ରୀଙ୍କ ପାଇଁ ହେଲ୍ପ ଡ଼େକ୍ସ

ପଟ୍ଟାମୁଣ୍ଡାଇ, ୨୯/୬ (ନି.ପ୍ର): ପୃଥିବୀର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି )ରାଜନଗର ନଗର ତରଫରୁ ଗତକାଲି ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧକ୍ଷ ପ୍ରଣୟ ବେହେରାଙ୍କୁ ସମ୍ବର୍ଦ୍ଧନା ସହ ୩ ଛାତ୍ରଛାତ୍ରୀ ଙ୍କ ନାମଲେଖା ପାଇଁ ହେଲ୍ପ ଡ଼େକ୍ସ। ପ୍ରତି ବର୍ଷ ଭଳି ଏ ବର୍ଷ ମଧ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତାର ସେବା ଜାରି ରଖିଛି, ଚଳିତ ବର୍ଷ ୩ ର ଛାତ୍ରଛାତ୍ରୀ ମାନଙ୍କର ନାମଲେଖା ପକ୍ରିୟାରେ ଏବିଭିପି ତରଫରୁ ଛାତ୍ରଛାତ୍ରୀ ମାନଙ୍କୁ ସାହାଯ୍ୟ ନିମିତ ଜିଲ୍ଲା ପ୍ରମୁଖ ବୈଲୋଚନ ଦାସଙ୍କ ନିର୍ଦ୍ଦେଶରେ ରାଜନଗର ନଗର ତରଫରୁ ହେଲ୍ପ ଡ଼େକ୍ସ ଖୋଲା ଯାଇଛି। ଏଥିରେ ନୂଆକରି ମହାବିଦ୍ୟାଳୟକୁ ଆସୁଥିବା ୩ ର ଛାତ୍ରଛାତ୍ରୀ ମାନଙ୍କ ପାଇଁ ନାମଲେଖା ସମ୍ପର୍କିତି କାଗଜପତ୍ର ଓ ସୂଚନା ପାଇଁ ହେଲ୍ପ ଡ଼େକ୍ସ ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ରାଜନଗର ନଗର ଛାତ୍ର ପ୍ରମୁଖ ରଞ୍ଜିତ ସାହୁ, ଦେବ ଦୁଲାଲ ଜେନା, ନନ୍ଦ ଦୁଲାଲ ଜେନା, ଗୌରାଙ୍ଗ ଦଳାଇ, ମନୋରଞ୍ଜନ ସାହୁ, ଛାତ୍ରୀ ପ୍ରମୁଖ ସ୍ୱର୍ଣ୍ଣଲତା ଦାସ, ସସ୍ମିତା ସାହୁ, ସ୍ମୃତିରେଖା ନାଥ ଶର୍ମା ରହି ହେଲ୍ପ ଡ଼େକ୍ସ ଜରିଆରେ ସମସ୍ତ ୩ ଛାତ୍ରଛାତ୍ରୀ ଙ୍କୁ ନାମ ଲେଖିବାରେ ସହାୟତା ପ୍ରଦାନ କରିଥିଲେ । ଖାଲି ରାଜନଗର ମହାବିଦ୍ୟାଳୟରେ ନୁହେଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖା ପ୍ରକ୍ରିୟାରେ ହେଲ୍ପ ଡ଼େକ୍ସ ର ବ୍ୟବସ୍ଥା କରାଯାଇଛି। ୧୯୪୯ ଜୁଲାଇ ୯ ତାରିଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଠନ ହେବା ଦିନଠାରୁ ଛାତ୍ରଛାତ୍ରୀଙ୍କ ପାଇଁ ସେବା ଯୋଗାଇ ଆସିଛି, ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ ସରକାରଙ୍କ ବିରୁଦ୍ଧରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସମାଧାନ ପାଇଁ ଦାବି ମଧ ରଖିଛି। ସେଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି ) ବିଶ୍ୱର ବୃହତ ଛାତ୍ର ସଂଗଠନର ମାନ୍ୟତା ପାଇଛି। ସବୁବେଳେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରେ ଛିଡା ହେବା ସହିତ ରାଷ୍ଟ୍ର ହିତରେ ଛାତ୍ରଛାତ୍ରୀଙ୍କୁ ନିୟୋଜିତ ମଧ କରି ଆସୁଛି ଏବଂ ଏହି କାର୍ଯ୍ୟ ଆଗକୁ ମଧ କରି ଚାଲିବ ।

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**



**ଭାଗ-୫୭**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୋ କଥା ଶୁଣି ସେମାନେ ଉତ୍ସୁକତାର ସହିତ କହିଥିଲେ, ଦେବୀ ଗୋଟାଏ ବାନର ଦେହରେ ଏତେ ଶକ୍ତି ଆସିଲା କେଉଁଠୁ ? ସେ କଣ ଏକାକୀ ଲଙ୍କପତି ରାବଣର ଅଶୋକବନକୁ ଧ୍ୱଂସ କରି ଦେଇଥିଲା ? ଏକା କ’ଣ ସ୍ୱର୍ଣ୍ଣଲଙ୍କାକୁ ପୋଡ଼ି ଛାରଖାର କରି ଦେଇଥିଲା ? ହଁ ସୁଧାମୟୀ । ଏକା ଜଣେ ବାନର ଲଙ୍କାର ଏମିତି ବିପର୍ଯ୍ୟୟ ଘଟାଇ ଦେଇ ଚାଲିଯାଇଥିଲା ।

ଲଙ୍କାରେ ଏତେ ସୈନ୍ୟସାମନ୍ତ ଥାଉଥାଉ ଗୋଟାଏ ବାନର କେମିତି ଏଭଳି କାଣ୍ଡ ଘଟାଇଲା ଦେବୀ । ଦୟାକରି ସେ କାହାଣୀ ଆପଣ ଆମକୁ ଶୁଣାନ୍ତୁ ।

ସୁଧାମୟୀ, ପ୍ରତିଦିବାଙ୍କ କଥା ଶୁଣି ମୁଁ କହିଥିଲି ଅଶୋକବନରେ ରହିବାର ଦୁଇ ପକ୍ଷ ବିତି ଯାଇଥାଏ, ତଥାପି ମୁଁ ମୋ ସ୍ୱାମୀଙ୍କର ସନ୍ଦେଶ ପାଇ ପାରୁନଥାଏ । ପ୍ରତ୍ୟହ ମୁଁ ତାଙ୍କୁ ନଖଦର୍ପଣରେ ଦେଖୁଥାଏ, ତାଙ୍କର ବୀଣା ଜିଣା ବାଣୀ ମୋ କର୍ଣ୍ଣରେ ଶୁଣା ଯାଉଥାଏ, ଚକ୍ଷୁ ବୁଜିଦେଲେ ତାଙ୍କର ଅଶ୍ରୁଭରା ମୁଖମଣ୍ଡଳ ମୋ ଆଖିରେ ନାଚି ଉଠୁଥାଏ । ହେଲେ ମୁଁ ନାଚର ସଖୀ । ମୁଁ ଶତଚେଷ୍ଟା କଲେ ବି ତାଙ୍କ ପାଖକୁ ଯାଇପାରିବି ନାହିଁ । ଅତ୍ୟାଚାରୀ ରାବଣର ସେନା ମୋତେ ଚାରି ପାରୁଶରୁ ବେଢ଼ି ରହିଛନ୍ତି । ପ୍ରତ୍ୟହ ସ୍ୱାମୀଙ୍କ ଦୁଃଖରେ ଦୁଃଖୀ ହୋଇ ଅଶ୍ରୁବିସର୍ଜନ କରିବା ଛଡ଼ା ମୁଁ ବା ଆଉ କ’ଣ କରିପାରିଥା’ନ୍ତି।

ସେଦିନ ଥାଏ କାର୍ତ୍ତିକ ମାସର ଶୁକ୍ଳ ଦ୍ୱିତୀୟା ତିଥି । ସବୁଦିନ ପରି ମୁଁ ପ୍ରଭାତରୁ ଉଠି, ସ୍ନାନସାରି ସୂର୍ଯ୍ୟପ୍ରଣାମ, ଚନ୍ଦ୍ରପୂଜା ଶେଷକରି ଅଶୋକ ମୂଳ ବେଦୀରେ ବସିଥା’ଏ। କାହିଁକି କେଜାଣି ସ୍ୱାମୀଙ୍କର କଥା ସେଦିନ ମୋର ମନଗହନରେ ଉଙ୍କି ମାରି ମୋତେ ଅତ୍ୟନ୍ତ ପୀଡ଼ା ଦେଉଥାଏ । ତାଙ୍କ ନାମ ତୁଣ୍ଡରେ ଧରି, ତ୍ରିଜଟା ବଉଳ ମୂଳରେ ଥୋଇ ଦେଇଥିବା ଫୁଲରେ ପ୍ରଭୁଙ୍କର ଗୋଟାଏ ରୂପ ଆଙ୍କି, ସେହି ପୁଷ୍ପ ରାମଙ୍କ ଚରଣ ଧୋଇ ପାଦଦୋକ ପାନ ପୂର୍ବକ ତାଙ୍କ ଚରଣ କମଳରେ ମସ୍ତକକୁ ଲୋଟାଇ ଦେଉଥିବା ସମୟରେ ତ୍ରିଜଟା ପାଚିଲା ଫଳଟିଏ ଧରି ମୋ ପାଖରେ ଆସି ଉଭା ହୋଇ କହିଥିଲେ, ମାଆ ସୀତେ! ପ୍ରତିଦିନ ତୁ ଯେ ଏମିତି ତୋ ସ୍ୱାମୀଙ୍କ ପ୍ରତିମା ଆଙ୍କି ତାଙ୍କୁ ପ୍ରଣାମ କରୁଛୁ, ସେ କ’ଣ ତୋ ପ୍ରଣାମକୁ ସମୁଦ୍ର ଆର ପାଖରେ ଥାଇ ଗ୍ରହଣ କରିପାରୁଥିବେ ।

ତାଙ୍କ କଥା ଶୁଣି ଅଧରରେ ଶୁଖିଲା ହସର ରେଖାଟିଏ ଟାଣି ମୁଁ କହିଥିଲି, ମା’ଗୋ, ମୁଁ ଯେତେବେଳେ ଏଠାରୁ ତାଙ୍କୁ ରୋମେରୋମେ ଅନୁଭବ କରୁଛି, ସେ ମୋ ପ୍ରଣାମକୁ ଗ୍ରହଣ କରୁନଥିବେ କେମିତି ? ସେ ଯେତେବେଳେ ଶରମୂନରେ ମୋର ଚିତ୍ର ଆଙ୍କି, ସେହି ଚିତ୍ର ପ୍ରତିମାକୁ ସୀତା ସୀତା କହି ଆଲିଙ୍ଗନ କରନ୍ତି, ଚୁମ୍ବନ ଦିଅନ୍ତି, ସେ ବେଳରେ ମୁଁ ଏହି ଅଶୋକ ବେଦୀ ମୂଳରେ ଥାଇ ଶିହରି ଉଠେ । ମୋର ଅଂଗେଅଂଗେ ପ୍ରଭୁଙ୍କ ସ୍ପର୍ଶକୁ ମୁଁ ଅନୁଭବ କରେ। ତାଙ୍କ ସ୍ନେହ, ପ୍ରେମ, ପ୍ରୀତିର ଧାରା ମୋ ସର୍ବାଙ୍ଗରେ ବୋଳି ହୋଇଯାଏ । ମୁଁ ଧନ୍ୟ ହୋଇଯାଏ ମା’ । ମୋ କଥା ଶୁଣି ସେଦିନ ମା ତ୍ରିଜଟା କହିଥିଲେ, ଧନ୍ୟ ତୋତେ ସୀତା । ଧନ୍ୟ ତୋର ପତି ଭକ୍ତି । ଧନ୍ୟ ବି ନକହିବ ତୁମ ସ୍ୱାମୀ ରାମଙ୍କୁ । ସତରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିବା ସମ୍ପର୍କଟା ଏତେ ମଧୁର, ଏତେ ପ୍ରେମମୟ, ଏତେ ସ୍ନେହମୟ, ତାହା ମୁଁ ତୋ ଠାରୁ ଶିକ୍ଷା କରୁଛି ମା’ । ମୁଁ ଦେଖୁଛି ଫଳ ଆଣି ତୋତେ ଦେଲେ ତୁ ନଭୁଞ୍ଜି କହୁ ମୋ ସ୍ୱାମୀ ନ ଖାଇଲା ପର୍ଯ୍ୟନ୍ତ ମୁଁ ଖାଇବି କେମିତି ? ଫଳଟିକୁ ତଳେ ରଖିଦେଇ ତାଙ୍କୁ ସମର୍ପଣ କରିଦେଉ । ତାପରେ ଆଖିବୁଜି ତୋ ପଣତରେ ବ୍ୟଜନ କରୁ । ସତରେ କ’ଣ ତୋ ଦିଆ ଫଳକୁ ତୋ ସ୍ୱାମୀ ଗ୍ରହଣ କରନ୍ତି ? ପଣତକାନିରେ ତୁ ଯେ ବିଞ୍ଚୁ ତାହା କ’ଣ ତୋ ସ୍ୱାମୀ ଉଦ୍ଦେଶ୍ୟରେ ?

ଏକଥା ତୁମକୁ ମିଛ ହୋଇପାରେ ମାଆ ତ୍ରିଜଟା ହେଲେ, ମୋ ପାଇଁ ଏହା ସୂର୍ଯ୍ୟାଲୋକ ଭଳି ସତ୍ୟ । ତୁମେ ତ ଦେଖୁଛ ମାଆ ମୁଁ ମୋ ପ୍ରଭୁଙ୍କୁ ସମର୍ପଣ କରିଥିବା ଫଳ...

ତୁ ଖାଇବା ପୂର୍ବରୁ ଖଣ୍ଡିଆ ହୋଇ ଯାଇଥାଏ । ମୁଁ ଆଶ୍ଚର୍ଯ୍ୟ ହୁଏ ଏହା ଘଟୁଛି କେମିତି ? ସମୁଦ୍ର ଆରପାଖରେ ତୋ ସ୍ୱାମୀ କେଉଁ ଅରଣ୍ୟରେ, ତୁ ଏ ପାଖରେ ଅଶୋକବନରେ । କେତେ ଯୋଜନର ଦୂରତା। ତଥାପି ଏଠାରେ ତୁ ଫଳ ତାଙ୍କୁ ସମର୍ପି ଦେଲେ, ସେ ତୋ ଦିଆ ଫଳ ଅର୍ଦ୍ଧେକ ଖାଇଦିଅନ୍ତି । ଏହା ତ ମୁଁ ପ୍ରତ୍ୟହ ଦେଖୁଛି ମା’। ଏହା ସମ୍ଭବ ହେଉଛି କେମିତି ? ତୁ କ’ଣ କିଛି ଯାଦୁବିଦ୍ୟା ଜାଣିଛୁ କି । ତାହା ନହେଲେ...

ମାଆ ତ୍ରିଜଟାଙ୍କ ପାଟିରୁ ବଚନ ନେଇ ମୁଁ କହିଥିଲି ମୁଁ ଯାଦୁକାରିଣୀ ନୁହେଁଲୋ ମାଆ, କି ମୋତେ କୌଣସି ମାୟା ଜଣାନାହିଁ। ମୋ ସ୍ୱାମୀ ଯେତେ ଦୂରରେ ଥିଲେ ବି ସେ ମୋର, ମୁଁ ତାଙ୍କର । ତୁମେ କ’ଣ ଜାଣନା ମା’ ଆକାଶର ଲକ୍ଷେ ଯୋଜନରେ ସୂର୍ଯ୍ୟଥିଲେ ବି ସୂର୍ଯ୍ୟ ଉଇଁଲେ ପଦ୍ମ ଫୁଟିବ । ସୂର୍ଯ୍ୟ ଅସ୍ତ ହେଲେ ପଦ୍ମ ମୁଦିଯିବ । ଏହା କ’ଣ ସୂର୍ଯ୍ୟ ନାଁ ପଦ୍ମର ଯାଦୁଶକ୍ତିରେ ହୁଏ ମାତା । ଏହା ହୁଏ ପତି ପତ୍ନୀଙ୍କର ଅନାବିଳ ମାଧୁର୍ଯ୍ୟ ପ୍ରେମ ସମ୍ପର୍କରୁ। ଚନ୍ଦ୍ର କୁମୁଦ ମଧ୍ୟରେ ମଧ ସେହି ସମ୍ପର୍କ ମାଆ। ପତି ପତ୍ନୀଙ୍କ ମଧ୍ୟରେ ଥିବା ସମ୍ପର୍କ ଏତେ ନିବିଡ଼, ଏତେ ନିଗଡ଼, ଏତେ ଆକର୍ଷଣ ଯୁକ୍ତ ଯେ, ସେମାନେ ଯିଏ ଯେତେ ଦୂରରେ ଥିଲେ ବି ସଦା ପାଖରେ ଥା’ନ୍ତି । ମୋ ସ୍ୱାମୀ ଭୋଜନ ନକଲେ ମୁଁ ଭୁଞ୍ଜେନାହିଁ ମାଆ । ତାଙ୍କ ଭୋଜନର ଅବଶେଷକୁ ହିଁ ମୁଁ ଭୁଞ୍ଜିଥାଏ । ଏହାହିଁ ତ ପତିବ୍ରତା ନାରୀର ଧର୍ମ। ଏକା ସାଂଗରେ ଥିବାବେଳେ ମୁଁ ତାଙ୍କୁ ଭୋଜନ ବାଢ଼ି ଦେଇ ତାଙ୍କ ପାଖରେ ଥାଇ, ବିଞ୍ଚଣା ବିଞ୍ଚି ତାଙ୍କୁ ବଳାଇ ବଳାଇ ଖୁଆଇ ଦେଉଥାଏ। ସେ ପ୍ରତ୍ୟହ କହନ୍ତି ସୀତା, ମୋତେ ପେଟ ପୂରାଇ ନଖୁଆଇଲେ, ତୁମର ଶାନ୍ତି ନାହିଁ । ମୁଁ ଯଦି ଖାଉଖାଉ ସବୁ ଅନ୍ନ ଖାଇଦିଏ, ତାହେଲେ ତୁମେ କ’ଣ ଉପାସ ରହିବ ? ତାଙ୍କୁ ଶୁଣାଇ ମୁଁ କୁହେ ଆପଣ ଖାଇଲେ ତ ମୋ ପେଟ ପୂରିଯାଏ ସ୍ୱାମୀ । ମୋର ଆଉ ଖାଇବାରେ ଆବଶ୍ୟକତା କ’ଣ ?

ମୋତେ ଶୁଣାଇ ସେ କହନ୍ତି ଧନ୍ୟ ତୁମେ ଦେବୀ । ବିଧାତା ତୁମକୁ କେଉଁ ଉପାଦାନରେ ଗଢ଼ିଛି ତାହା ତାଙ୍କୁ ହିଁ ଜଣା । ଏ ଜଗତର ସବୁ ନାରୀ ଯଦି ତୁମଭଳି ହୋଇଯାଆନ୍ତେ, ତାହେଲେ ଏ ମର୍ତ୍ତ୍ୟ ସ୍ୱର୍ଗ ପାଲଟି ଯାଆନ୍ତା । ଏକଥା କହୁକହୁ ସେ ମୋ ପାଟିରେ ଅନ୍ନ ଭୁଞ୍ଜାଇ ଦିଅନ୍ତି । ତାଙ୍କ ଭୋଜନ ପରେ ମୁଁ ହସ୍ତ ପଖାଳି ଦିଅନ୍ତେ ସେ ମୋ ପିନ୍ଧା ବସନର ପଣତ ଟାଣିନେଇ ମୁଖ ପୋଛୁପୋଛୁ କହନ୍ତି, ତୁମେ ଯେତେ ଭୁଞ୍ଜାଇଲେ ମଧ ତୁମର ଏ ସ୍ନେହ, ପ୍ରେମ, ଭାବ, ଭକ୍ତିଭରା ଅଞ୍ଚଳରେ ମୁଁ ଯଦି ମୁହଁ ନ ପୋଛିଚି ତାହେଲେ ମୋ ଭୋଜନ ବୃଥା । ସତରେ ସୀତା, ତୁମର ଏ ପଣତରେ ତୁମେ କଣ ରଖିଛ କେଜାଣି ଏଥିରେ ମୁହଁ ନ ପୋଛିଲେ ମୋତେ ଶାନ୍ତି ମିଳେନା । (କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଶକ୍ତିର ଆଧାର ବାପା

### ରବିନାରାୟଣ ପଟ୍ଟନାୟକ



ପିତା ହେଉଛନ୍ତି ପ୍ରତିଟି ମଣିଷ ପାଇଁ ଛାତ ଯିଏ ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରି ଯିଏ ନିଜ ସନ୍ତାନଙ୍କ ମୁଁହରେ ହସ ଫୁଟାଏ, ଯିଏ ପରିବାରର ବର୍ତ୍ତମାନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବାର ପଣ କରିଥାଏ, ଯିଏ ଖାଲି ପକେଟ ଓ ଖାଲି ପେଟରେବି ଛୁଆଙ୍କ ସ୍ୱପ୍ନ ପୂରା କରିବାର ସାହସ ଧରିରଖିଥାଏ ସେ ହିଁ ତ ବାପା । ମା’ ଯେଉଁଠି ସନ୍ତାନର ଟିକେ କ୍ଷତରେ କାନ୍ଦି ନିଜ ଦୁଃଖ ଜାହିର କରିଦିଅନ୍ତି । ପିତା ନିଜ ମଧ୍ୟରେ ଦୁଃଖ ରଖିଲେ ମଧ୍ୟ ପରିବାରକୁ ସମ୍ଭାଳିବାକୁ ଯାଇ ଏକ ଶକ୍ତ ପାଚେରୀ ହୋଇ ଠିଆ ହୋଇଥାନ୍ତି । ସନ୍ତାନ ଯଦି ମା’ଙ୍କ ଠାରୁ ସଂସ୍କାର ଶିଖେ ତେବେ ଦୁନିଆରେ କିଭଳି ନିଜକୁ ସଫଳ କରିବା ପାଇଁ କଠିନ ପରିଶ୍ରମ ଏବଂ ଉପଯୁକ୍ତ ଜ୍ଞାନ ଆହରଣ କରିହେବ ତାହା ପିତାଙ୍କ ଠାରୁ ଅବା କିଏ ଭଲରେ ବୁଝାଇପାରିବ। ଅବଶ୍ୟ ମା’ ଦଶ ମାସ ଦଶ ଦିନ ଗର୍ଭରେ ଧରି କଷ୍ଟ ସହି ସନ୍ତାନକୁ ଦୁନିଆକୁ ଆଣେ । କିନ୍ତୁ ଜନ୍ମ ହେବା ପରେ ସନ୍ତାନର ପାଦ ପାଦରେ ଯାହାଙ୍କ ନଜର ରହିଥାଏ ସେ ହେଉଛନ୍ତି ପିତା । ଯେତେବେଳେ ବି ପିତା ମାତାଙ୍କ ସ୍ନେହ ଆଦର କଥା ଉଠେ ମା’ଙ୍କ ନାମ ପ୍ରଥମେ ନିଆଯାଏ ଆଉ ବାପାଙ୍କ ନାମ ପଛରେ। କିନ୍ତୁ ଏଥିରେ ତିଳେମାତ୍ର କ୍ଷୋଭ କରି ନଥାନ୍ତି ବାପା ।



ପିତା ଓ ମାତା ଭଗବାନଙ୍କ ଦ୍ୱିତୀୟ ରୂପ । ସନ୍ତାନଙ୍କ ଜୀବନରେ ଦୁହିଁଙ୍କର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏ ସଂସାରରେ ପିତା ନିଜ ପିଲାମାନଙ୍କ ଲାଗି ମେରୁଦଣ୍ଡ ସଦୃଶ୍ୟ। ବାପା ପରିବାର ପାଇଁ ଛାତଟିଏ । ନିଜ ସନ୍ତାନଙ୍କୁ ହାତ ଧରି ଯିଏ ଚାଲିବା ଶିଖାଏ, ସିଏ ହେଉଛନ୍ତି ବାପା। ମୁଣ୍ଡଝାଳ ତୁଣ୍ଡରେ ମାରି ପରିବାର ମହଁରେ ଯିଏ ଆହର ଦିଏ, ସିଏ ହେଉଛନ୍ତି ବାପା। ପରିବାର ସଦସ୍ୟଙ୍କ ପାଇଁ ସେ ଘରର ମରୁବୀ। ଆପଦ ବିପଦରେ ଯାହାର ଛତ୍ରଛାୟା ତଳେ ସୁରକ୍ଷିତ ରହେ ପରିବାର। ବାପା ସ୍ନେହ, ଶ୍ରଦ୍ଧା ଓ ଅନୁଶାସନର ଏକ ସନ୍ଦୁର ଉଦାହରଣ।

ପିତା ହେଉଛନ୍ତି ଯିଏ ପିଲାମାନଙ୍କର ସମସ୍ତ ଇଚ୍ଛା ଏବଂ ଆକାଂକ୍ଷାକୁ ପୂରଣ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରନ୍ତି । ବାପା ବାହାରୁ କଠିନ ଦେଖାଯାଆନ୍ତି, କିନ୍ତୁ ପିଲାମାନଙ୍କ ପାଇଁ ହୃଦୟରୁ ସେ ବହୁତ ନରମ ହୋଇଥାଆନ୍ତି । ବାପା ସନ୍ତାନର ବୋଝକୁ ବାହୁରେ ବଳଥିବା ପର୍ଯ୍ୟନ୍ତ ବୋହିଥାନ୍ତି । ଘର ପାଇଁ ଛାତ ଯେପରି, ପରିବାର ପାଇଁ ବାପା ସେପରି । କଥାରେ ଅଛି ବାପା ନାହିଁ ଯାହାର ଏ ଦୁନିଆ ତାପାଇଁ ଅନ୍ଧାର । ଯାହା ହାତ ଧରି ଚାଲି ଶିଖାନ୍ତି, ଯାହାଙ୍କ ଆଦର୍ଶକୁ ଦିଗଦର୍ଶନ କରି ବାଟ ଚାଲନ୍ତି ସେ ହେଉଛନ୍ତି ବାପା। ପରିବାରର ମେରୁଦଣ୍ଡ, ପରିବାରର ଛତ୍ରଛାୟା ହେଉଛନ୍ତି ବାପା । ଦୁଃଖର ସାଗରକୁ ଯିଏ ଆଖିତଳେ ଚାପି ରଖି ସନ୍ତାନର ସୁଖ ପାଇଁ ଯିଏ ଦିନରାତି କାମ କରନ୍ତି ସେ ହେଉଛନ୍ତି ପିତା । ସନ୍ତାନ ପାଇଁ ପ୍ରଥମ ପ୍ରେରଣାସ୍ରୋତ, ସୁରକ୍ଷା କବଚ, ଆତ୍ମବିଶ୍ୱାସର ବାହକ ହେଉଛନ୍ତି ପିତା ।

ପ୍ରତ୍ୟେକ ସନ୍ତାନ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ମାତ୍ର ସେ ନିଜର ସମସ୍ତ ପିଲାଙ୍କ ନିକଟରେ ସମସ୍ତ ସ୍ଥାନରେ ଓ ସମୟରେ ରହି ତାଙ୍କର ଟିକିନିକି କଥା ସମ୍ପୂର୍ଣ୍ଣ ଭାବେ ବୁଝିବା ପାଇଁ ପ୍ରତି ପିଲାଙ୍କୁ ପିତାମାତା ସ୍ୱରୂପ ଉପହାର ଦେଇଥାଆନ୍ତି। ଯେଉଁପ୍ରକାରେ ସାରା ଦୁନିଆରେ ମା’ଙ୍କୁ ସମ୍ମାନ ଦେବା ପାଇଁ ମାତୃ ଦିବସ ପାଳନ କରାଯାଏ, ସେଭଳି ପିତାଙ୍କ ସମ୍ମାନ ଜ୍ଞାପନ କରିବା ପାଇଁ ପିତୃ ଦିବସ ପାଳନ କରାଯାଏ।

♥ ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

## କବିତା...

### ॥ ବିଦଗ୍ଧ ମୌସୁମୀ ॥

● ଡ. ଶ୍ରୀଧର ସାମଲ



ମୌସୁମୀ ଫେରିଲା ଓଠ ଓଦାହେଲା
ମେଣ୍ଟିଲା ଭୋକିଲା ଦେହର ତାତି
ପହିଲି ଛୁଆଁରେ ନିଦ ଭାଂଗିଗଲା
ସବୁ ରାତି ଲାଗେ ବାସର ରାତି ।

ବାତାୟନ ଫାଙ୍କେ ସ୍ମୃତି ଉଙ୍କିମାରେ
ବିରହରେ ଜଳେ ପ୍ରେମୀର ପ୍ରାଣ
ପ୍ରୀତି ପାରାବାରେ ଉତ୍ତାଳ ତରଙ୍ଗ
ଛୁଏଁ ବେଳାଭୂମି ପକାଇ ରାଣ ।

ତନ୍ଦ୍ରାଭିଜା ରାତି ରିମ୍‌ଝିମ୍ ଛାତି
ବର୍ଷାଭିଜା ସ୍ମୃତି ଅଧୀର ମନ
ସାଥୀ ବିନା ରାତି ଅଧୁରା ପୀରତି
ବୃଥା ଅଭିସାର ତୁଚ୍ଛା ସ୍ପନ୍ଦନ ।

ମାଟି ରଜବତୀ ମିଳନ ପିଆସୀ
ମନ ବନସ୍ତରେ ଲଗାଏ ନିଆଁ
ସେ ନିଆଁରେ ଜଳେ ଯଉବନ ଜୁଇ
ନୂଆ ନୂଆ ଲାଗେ ପ୍ରଥମ ଛୁଆଁ ।

ରାତି ଶୋଇଯାଏ ଗହଳ ନିଦରେ
ଦେହରେ ନୀରବ ଝଡର ତାତି
ଧାରା ଶ୍ରାବଣରେ ସ୍ମୃତି ଭାସିଯାଏ
ମନ ବୃନ୍ଦାବନେ ଥରାଏ ଛାତି ।

ନଈ ଆରପାଖେ ପାହାଡ ଫାଙ୍କରେ
ମେଘମାଳା ଛୁଏଁ ଶିଖର ଚୂଳ
ଭାବନା ରାଇଜେ ହଜିଲା ଅତୀତ
ଶୁଖିଲା ନଈରେ ଉଚ୍ଛୁଳେ କୂଳ ।

ସ୍ମୃତି ଭିଜୁଥାଏ କାକର ଶେଯରେ
ରାତି ଭୋଗୁଥାଏ ନିରବ ଜ୍ୱର
ମିଳନ ନଈରେ ଅଦିନରେ ବନ୍ୟା
କେବେ ଭଟ୍ଟା ପୁଣି କେବେ ଜୁଆର ।

♥ ସଂପାଦକ:ମୌସୁମୀ
କଜଳା, କେନ୍ଦ୍ରାପଡା
(ମୋ)୯୪୩୭୬୦୭୯୯୭

### ॥ ବର୍ଷା ଅଭିସାର ॥



● ରତ୍ନାକର ରାଉତ

ପହିଲି ଶ୍ରାବଣ ବରଷାରେ ଭିଜି
ତୁମକୁ ପାଇଲି ଖୋଜି
ଝରା ବଉଦର କୋମଳ ଛୁଆଁରେ
ତୁମ ତନୁ ଯାଇଥିଲା ଭିଜି ।

ଆଶା ଆକାଶରେ ଫୁଟିଗଲା ଫୁଲକଢ଼ି
ମନ ସରସୀରେ ପ୍ରୀତିର କମଳ କଳି
ଶୀତଳ ସମୀର ପରଶେ ଖେଳିଲା ଦୋଳି
ଲାଜୁଆ ଆଖିରେ ଚପଳ ବିଜୁଳି ଖେଳ
ସତେକି’ ଗୋ ତୁମେ ବରଷା ବନିତା
ପ୍ରଣୟ ପୀୟୁଷ ଫୁଲ ।

ଏ ଆଖି ଦେଖିଲା ଅପରୂପ କାନ୍ତି ଶୋଭା
ଅଙ୍ଗରେ ଅଙ୍ଗରେ ଶତ ସୁରୂଜର ଆଭା
ମନ ହେଉଥିଲା ହେଜି
ଏହି ସେହି ପ୍ରିୟା ସ୍ନିଗ୍ଧ ତନୟା
ଯାହାକୁ ଥିଲି ମୁଁ ଖୋଜି ।

ଲାଜକୁଳି ତୁମେ ଲାଜରେ ସରମିଗଲ
ବାମ ଚିବୁକରେ ଭଉଁରି ଖେଳିଲା ଖେଳ
ଅଧର ପୁଟରେ ଧାରେ ଲାଜମିଶା ହସ
ନିରବେ କହିଲା ଆସ ପ୍ରିୟେ ପାଖେ ଆସ
ଏହି ନିରିଜନ ବରଷା ବିତାନ ବେଳେ
ଶାଳ ବିଥିକାର ତଳେ
ହୋଇଗଲେ ଏକ ତାନ
ଅନୁରାଗ ଭରା ଅନୁଭବେ ଯିବା ହଜି
ନିବିଡ଼ ଆଶ୍ଳେଷେ ଅଭିସାରେ ଯିବା ମଜି
ଯେତେ ଝଡ଼ ଝଂଜା ପ୍ରଳୟ ଆସୁଛି ଆସୁ
ଆମ ଦୁଇମନ ହୋଇଗଲେ ଥରେ ରାଜି ।

ପହିଲି ଶ୍ରାବଣ ବରଷାରେ ଭିଜି
ତୁମକୁ ପାଇଲି ଖୋଜି
ଝରା ବଉଦର କୋମଳ ଛୁଆଁରେ
ତୁମ ତନୁ ଯାଇଥିଲା ଭିଜି । ♥

### ॥ ଚଉଠେ ଚିଠା ॥



● କିଶୋର ମହାନ୍ତି

ମୋଡ଼ି ହୋଇ
ମୁହଁ ମାଡ଼ି ପଡ଼ିଥିବା ଚିଠାଟି
ପକେଟ୍ ଉଣ୍ଡାଳି ପାଇଗଲା ପରେ ତୃପ୍ତିରେ
ଖୋଲି ଦେଲି ଚାରି ଚଉତା ଚିଠା ।

ଜୀବନ ଆଉ ତେଲ ଲୁଣ ସଂସାରର
ଅନୁସୂଚୀର ଫର୍ଦ୍ଦଟିଏ
ହଳଦୀ ଗୁଣ୍ଡ, କ୍ଷୀର ପ୍ୟାକେଟ୍
ମୂଷା ମରା ଓଷଦ
ସାଥିରେ ମଶାମରା ଧୂପକାଠି
ଆଳୁ ଦି’ କିଲୋ, ଚିନି ଆଉ ପାମ୍ପଡ଼
ତାପରେ ଲିପଷ୍ଟିକ
ପାଉଡର, ବିନ୍ଦି
ତା ପଛକୁ ପୁଅର ହସ୍ତାକ୍ଷର ଖାତା
ଯେମିତି ତୁହାଇ ତୁହାଇ
ମନେପକାଇ ଦଉଚି ସଂସାରୀଟିଏ ବୋଲି ।

ମନୋହରୀ ଦୋକାନରୁ
ପୁଣି ଜର୍ଡନେ ସିଫ୍ଟିପିନ, ବେକ ଫିତା
ଆମ୍ବୁ ବିସ୍କୁଟ, ବେଲଣା କାଠି
ଡାଲଚିନି, ଗୁଜୁରାତି, ଗରମ ମସଲା

ନିତି ଘୁରୁଥିବା ମଣିଷଟା ଖାଲି
ଘୁରୁଚି ଗୋଟାଉଛି
ଜୀବନର ସଉଦା ।

ଜୀବନର ପଥ ଲମ୍ବା
କିନ୍ତୁ ଚିଠା ଏଯାଏ ସରୁନି
ଦିନି ଚିଠା ଲେଖା ଚାଲିଛି
ସୁଖ ଦୁଃଖର ସଂସାରର
ଏ ଛୋଟିଆ ଜୀବନ
ଗଣ୍ଡେ ଖାଇ ଦଣ୍ଡେ ଜିଇଁବାର ଏ ଜୀବନ
ଚଉଠେ ଚିଠାରେ ଯେମିତି
ଜୀବନ ଜିଇଁଛି ଏଯାଏ।

♥ (ମୋ) ୯୪୩୭୭୨୮୪୭୫

### ॥ ସୁନ୍ଦର ସମୟ ॥

● ପ୍ର.ଗିରିଜା ଶଂକର ଶର୍ମା



ଟିକେ ପଛକୁ ଅନେଇ ଦେଲେ
ଫେରି ଆସିବକି, ଚାଲି ଯାଇଥିବା ସମୟ
ଫେରି ଆସିବେକି ଆମର ପ୍ରିୟଜନମାନେ
ସାଉଁଳି ଦେବେ କି
ଆମର ଭାଗ୍ୟରେଖାମାନଂକୁ ।

ଆମର ଶୁଖିଲା ପୃଥିବୀ କଣ ପାଲଟିବ
ଶାଗୁଆ ଅରଣ୍ୟ
ଗୋଟିଏ ସୁନ୍ଦର ବଲୟର୍ଲମାନ ପାଇଁ
ଆଖିରେ ଆଖିଏ ସ୍ୱପ୍ନ ଅଛି ।

ମନର ଶାନ୍ତି ସମୁଦ୍ରରେ
ମାଲବୋଝେଇ ଜାହାଜ ସବୁ
ଲଙ୍ଗର ପକାଇଛି ।
ସମୟ ଆନନ୍ଦରେ କାଟିବା ପାଇଁ
ସବୁ ବ୍ୟବସ୍ଥା ଅଛି
ଖାଲି ପ୍ରିୟଜନମାନେ ଆସି ଯାଆନ୍ତୁ
ତାଂକ ପାଇଁ ସାହାଣ ମେଳା କରାଯାଇଛି ।

ପ୍ରିୟଜନ ମାନେ କାନ୍ଥରେ ଝୁଲନ୍ତି
ବେକରେ ଶୁଖିଲା ଫୁଲମାଳ ପକାଇ
ହସହସ ମୁହଁରେ ଚାହିଁଥନ୍ତି ।
ସେମାନେ ଫେରି ଆସନ୍ତୁ
ସମୟକୁ ଆଡ଼େଇ ଦେଇ
ଫେରି ଆସନ୍ତୁ ଆମ ପାଖକୁ ।

ଏବେ ବଦଳିବ ମାଟିର ରଂଗ
ଶାଗୁଆ ରଂଗରେ
ରଂଗୀନ ହେବେ ପତ୍ରମାନେ
ଫୁଲମାନେ ବି ରଂଗୀନ ହେବେ
ବିଭିନ୍ନ ରଂଗରେ
ଘରର କାନ୍ଥରୁ ଲମ୍ବି ଆସିବ
ଆଶିର୍ବାଦର ପାପୁଲି ।
ମୁଣ୍ଡକୁ ସାଉଁଳେଇ କହିବେ
ଭଲରେ ଥାଅ ଅନୁଜମାନେ
ମନ ଖୁସିରେ ପରମ ଆନନ୍ଦରେ...

ପୂର୍ବାକାଶ ଉଜ୍ଜ୍ୱଳ ହେଲାଣି
ସୂର୍ଯ୍ୟ ଉଠି ଆସିଲାଣି
ଏବେ ଆଲୁଅ ଆସିବ
ସୁନ୍ଦର ସମୟ ସୂଚନା ଦେଇ
ନୂତନ ସଂଭାବନା ରହିବ
ସୁନ୍ଦର ଭବିଷ୍ୟତକୁ ନେଇ ।

♥ ଧନକଉଡ଼ା,
ସଂବଲପୁର-୭୬୮୦୦୬
ମୋ: ୮୯୧୭୯୪୦୯୫

### ॥ ମୁକ୍ତି ॥



● ସ୍ନିଗ୍ଧା ପଣ୍ଡା

କେହି ବୁଝିବ ବୋଲି
ଅପେକ୍ଷା କରିବାରୁ ନିଜକୁ ମୁକ୍ତ କରିଦେଲି
ବିତିଥିବା ମୂହୁର୍ତ୍ତମାନଙ୍କୁ
ଗଣି ଗଣି ସାଇତି ରଖିବା
ନିଜକୁ ନିଜେ ତିଆରି କରିବାର
ସ୍ୱପ୍ନର ମୋହରୁ ନିଜକୁ ହିଁ ମୁକ୍ତ କରିଦେଲି ।

ଦିନେ କାଚର ପୃଥିବୀରେ
ଭାଙ୍ଗିଯିବାର, ଖସି ପଡିବାର
ଭୟଯାକ ଏକୁଟିଆ ମୋର ଥିଲା
ସନ୍ତର୍ପଣର ଲୁହଯାକ ମୋର ଥିଲା
ଅବିଶ୍ୱାସକୁ ବାରମ୍ବାର ସାମ୍ନା କରିବା
ସତର, ଶୁଦ୍ଧତାର ପ୍ରମାଣ ଯୋଗାଡ କରିବା
କେବଳ ମୋର ହିଁ ଥିଲା ।

ଏବେ ମୋ ପାଇଁ ସବୁ ଅପେକ୍ଷାର ମୂହୁର୍ତ୍ତ
ଅନ୍ତିମ କ୍ଷଣକୁ ପାରି ହୋଇଗଲାଣି
ନିଜ ପାଇଁ ଆକାଶ ଗଢିଦେଲା ପରେ
ମୁଁ ଆଉ ଘର ଖୋଜୁ ନାହିଁ
ଯାହାର ଚାରି କାନ୍ଥ ଭିତରେ
ନିଜର ସୁରକ୍ଷା ଅଣ୍ଡାଳି
ନିଜକୁ ଥରକୁ ଥର ବଦଳାଇବାକୁ ହୁଏ
ଯେତେ ଲୁଚେଇଲେ ବି
ନିଜପଣରୁ କିଛି କିଛି ସାରିଦେବାକୁ ହୁଏ ।

ଏଣିକି, ମୁଁ ହିଁ ମୋର ରାସ୍ତା
ମୁଁ ହିଁ ଲକ୍ଷ୍ୟ ମୋର
ମୁଁ ମୋର ସାଥୀ ସହଭାଗୀ
ମୁଁ ନିଜ ପ୍ରଶ୍ନର ଉତ୍ତର ।

♥ ପ୍ରଧାନ ଶିକ୍ଷୟତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଲହଣ୍ଡା
ବରଗଡ-୭୬୮୧୧୧

# ସାହିତ୍ୟିକ ପାଦରେ ଧୂଳି ଜମିଲେ ଯାଇ ସାହିତ୍ୟ ଜୀବନମୟ ହେବ : କେଦାର ମିଶ୍ର

**କେଦାର ମିଶ୍ର** ସମକାଳୀନ ଓଡିଆ କବିତାର ଏକ ପ୍ରତିଷ୍ଠିତ ଓ ପ୍ରଭାବଶାଳୀ ସ୍ୱର । ସେ ବେଶ୍ କଳାତ୍ମକ ଭାବରେ ନିର୍ମାଣିଛନ୍ତି ବାସ୍ତବତା ଓ କଳାତ୍ମକତା ଭିତରେ ଏକ କାବ୍ୟିକ ସମନ୍ୱୟ । ତାଙ୍କ କବିତା ଯେତିକି ରାଜନୈତିକ ସେତିକି ରହସ୍ୟବାଦୀ। କବିତା ସହିତ ଗଦ୍ୟ ରଚନା, ଗବେଷଣା, କଳା ସମୀକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ତାଙ୍କର ଭୂମିକା ଉଲ୍ଲେଖନୀୟ । ତାଙ୍କ ଲେଖାମାନଙ୍କରେ ଦେଖିବାକୁ ମିଳେ ସମୟ ଓ ସମାଜର ନିଷ୍ପାପର ପ୍ରତିଫଳନ । ଅମ ସମୟର ସଂଘର୍ଷକୁ ସେ ଦେଇଛନ୍ତି ନିଆରା ଅଭିବ୍ୟକ୍ତି । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : **ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ କବିତାର ଆଦ୍ୟ ସ୍ଫୁରଣ ?

■■ ପିଲା ବେଳୁ ମୋତେ ଗୀତ ଗାଇବାକୁ ଓ ଶୁଣିବାକୁ ଭଲ ଲାଗୁଥିଲା । ଗୀତ ଶୁଣୁ ଶୁଣୁ କେତେବେଳେ ମୁଁ ନିଜେ ଗୀତ ଲେଖିବା ଆରମ୍ଭ କଲି ସେକଥା ଆଜି ମନେ ନାହିଁ । ୧୦ ବର୍ଷ ବୟସରେ ମୋ ବାପା ଚାଲିଗଲା ପରେ, ମୋ ମା ମୋତେ ନେଇ ମାମୁଘର ଗାଁକୁ ଚାଲି ଆସିଲା। ସେ ଗାଁ ଥିଲା ଏକପ୍ରକାର କୁହୁକ ମାନଚିତ୍ର । ସେଠି ସବୁ ପଥର ଓ ସବୁ ଗଛକୁ ନେଇ ମୁଁ କାହାଣୀ ଶୁଣିଲି । ମୋ ମଝିଆଁ ମାମୁଙ୍କର ଗୋଟେ ବିରାଟ କାଠ ବାକ୍ସ ଥିଲା ଓ ସେ ବାକ୍ସରେ ଥାକ ଥାକ ହୋଇ ଥୁଆ ହୋଇଥିଲେ ଅନେକ ଗ୍ରନ୍ଥାବଳି । ସେଇଠି ମୁଁ ପାଇଲି ଗଙ୍ଗାଧର ମେହେର ଓ ରାଧାନାଥ ରାୟଙ୍କୁ । ମୋ ମାମୁ ଓ ତାଙ୍କର ଜଣେ ସାଙ୍ଗ ପ୍ରତିଦିନ ତାଙ୍କ ଘର ଆଗରେ ଥିବା ଗୋଟେ ଗୋବର ଲିପା କାନ୍ଥରେ ପଦେ କବିତା ଲେଖୁଥିଲେ । ସେସବୁ କବିତାକୁ ପଢିବା ଓ ଘୋଷିବା ମୋର ଅଭ୍ୟାସ ପାଲଟିଗଲା । ସେହି କାନ୍ଥରୁ ଉତୁରି ଅନେକ ଅମର କବିତାର ଧାଡି ଆଜି ମଧ୍ୟ ମୋର ମନରେ ରହିଛି । ତେବେ ମୁଁ ସବୁବେଳେ ଗୀତ ଲେଖିବାକୁ ସ୍ୱପ୍ନ ଦେଖୁଥିଲି ନଚେତ୍ ହାରମୋନିୟମ ବଜାଇ ଗୀତ ଗାଇବାକୁ କଳ୍ପନା କରୁଥିଲି । ଦୁର୍ଭାଗ୍ୟକ୍ରମେ, ସେ ସ୍ୱପ୍ନ କେବେ ସତ ହେଲା ନାଇଁ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଯେମିତି କହିଛି, ମୋ ମଝିଆ ମାମୁ ଗୌର ଚରଣ ଶତପଥି ନଥିଲେ ମୁଁ କବିତାର ବିଶାଳ ଜଗତକୁ ଜାଣି ପାରିନଥାନ୍ତି । ତାଙ୍କ ଛଡା ଦାଣ୍ଡରେ ନାଟ କରୁଥିବା ଦାସକାଠିଆ ଓ ପାଲାବାଲା, ଗାଁର ପୁରାଣ ପଣ୍ଡା, ମୋ ମା ବୋଲୁଥିବା କାର୍ତ୍ତିକ ମାହାତ୍ମ୍ୟ ବା ଲକ୍ଷ୍ମୀ ପୁରାଣ, ହାଇସ୍କୁଲର ସାହିତ୍ୟ ଶିକ୍ଷକ, ଆକାଶବାଣୀରେ ଗୀତ ଗାଉଥିବା ଅସଂଖ୍ୟ ଗାୟକ ଗାୟିକା....ଏମାନେ ସବୁ ମୋତେ କବି କରିଛନ୍ତି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?

■■ ମୁଁ ତ ସାହିତ୍ୟ କହିଲେ ଭାବୁଥିଲି କେବଳ ପାଲା ବା ଦାସକାଠିଆ । ସେହି ଢାଞ୍ଚାରେ ମୁଁ କିଛି କିଛି ଲେଖିବା ଆରମ୍ଭ କରିଥିଲି । ଛନ୍ଦ ପକାଇ ଗୀତ ଲେଖିବାର ସେ ପିଲାଳିଆ ଆଗ୍ରହ ଆଜି ମଧ୍ୟ ମୋ କବିତାକୁ ଶକ୍ତି ଦେଇ ଚାଲିଛି । କଲେଜରେ ପଢିବା ବେଳେ ମୁକ୍ତଛନ୍ଦର କବିତା ମୋତେ ପ୍ରଥମେ ବଡ ଅଡୁଆ ଲାଗୁଥିଲା । ତଥାପି ସେମିତି କିଛି ଲେଖି ମୁଁ ପ୍ରଗତିବାଦୀର ସାହିତ୍ୟ ପୃଷ୍ଠାକୁ ପଠେଇ ଦେଇଥିଲି । ମୋର ସୌଭାଗ୍ୟକୁ ୧୯୮୮ ମସିହାରେ ଏକା ସାଙ୍ଗରେ ମୋର ଦୁଇଟି କବିତା ପ୍ରଗତିବାଦୀରେ ପ୍ରକାଶ ପାଇଥିଲା ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ଏ ଯାଏ ମୋର ୯ ଟି କବିତା ସଂକଳନ, ୩ଟି ଗଦ୍ୟ ସଂକଳନ ଓ ଅନେକ ଇଂରାଜୀ ଲେଖା ପ୍ରକାଶ ପାଇଛି । ନିଜ ଲେଖାକୁ ନେଇ ମୁଁ ଚିରକାଳ ଅସନ୍ତୁଷ୍ଟ । ଅସନ୍ତୁଷ୍ଟ ରହିଛି ବୋଲି ଲେଖି ଚାଲିଛି । ସନ୍ତୁଷ୍ଟି ଓ ସନ୍ତୃପ୍ତି କବିକୁ ମାରିଦିଏ ।

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇପାରେନା । ଆପଣ ଏ ସମ୍ପର୍କରେ କଣ ମତ ରଖିବେ ?

■■ ମୁଁ ମଣିଷ ଓ ପ୍ରକୃତିକୁ ନେଇ କବିତା ଲେଖେ ଓ ସେମାନଙ୍କ ସହିତ ସମ୍ପର୍କ ହିଁ ମୋତେ କବି କରିଦିଏ । ଈଶ୍ୱର ମୋ ଲାଗି ଅପହଞ୍ଚ । ସେ ଅଛନ୍ତି କି ନାଇଁ, ସେ ବିଷୟରେ ମୋର କୌଣସି ଜିଜ୍ଞାସା ନାହିଁ । ଈଶ୍ୱରଙ୍କୁ ନେଇ ମୋର ସେମିତି ବିଶେଷ ଆଗ୍ରହ ନାଇଁ । ମୋ କବିତା ମାଟି ଓ ମଣିଷର କବିତା କେବଳ ।

■ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଯେତିକି ଅଗ୍ରଗତି କରିବା କଥା, ସେତିକି କରିପାରିନାହିଁ ବୋଲି କୁହାଯାଏ। ଏ ସମ୍ପର୍କରେ କଣ କହିବେ ?

■■ ଭାଷାର ସବୁଠୁ ବଡ ମାନ୍ୟତା ହେଉଛି ତାର ବ୍ୟାବହାରିକତା । ଭାଷା କେବଳ ସାହିତ୍ୟରେ ସମୃଦ୍ଧ ହୁଏ ନାହିଁ । ବିଜ୍ଞାନ, ଦର୍ଶନ ଓ ପ୍ରଯୁକ୍ତି ବିଦ୍ୟାରେ ଭାଷାର ପ୍ରୟୋଗ ବେଶୀ ଜରୁରୀ । ଆମେ ସେ ପ୍ରୟୋଗରେ ଅନେକଟା ଦୁର୍ବଳ ।

■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ କଣ ଆପଣଙ୍କର ଅଛି ?

■■ କବିତା ଅନେକ କିଛି କରିପାରେ ଓ ସମାନ ଭାବରେ କିଛି ବି କରିପାରେ ନାଇଁ । କବିତା କେବେ ହଠାତ ସ୍ଲୋଗାନ ହୋଇ ଗୋଟେ ବିରାଟ ପରିବର୍ତ୍ତନର ବାହକ ହୋଇପାରେ, ପୁଣି କେବେ ଏହା କେବଳ ଅଳସୁଆ ସମୟର କଳ୍ପନା । କବିତା ପ୍ରେମ କରିବା ଶିଖାଏ, ମଣିଷକୁ ମଣିଷ କରେ ଓ ଜୀବନକୁ ଜୀବନ ବୋଲି ଅନୁଭବ ଦିଏ । କବିତା କେତେବେଳେ କେଉଁ ଭୂମିକାରେ ଆସେ, ସେ କଥା କବି ଜାଣେ ନାଇଁ । ପୃଥିବୀର ଅନେକ କବି କବିତା ଲେଖି ଫାଶୀ କାଠରେ ଝୁଲିଛନ୍ତି ବା ଜେଲରେ ଜୀବନ କାଟିଛନ୍ତି । ଆଉ କିଛି କବି କବିତାରୁ ପୁରସ୍କାର ପାଇ ସିଂହାସନରେ ବସିଛନ୍ତି ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?

■■ ସାହିତ୍ୟ ସାଧାରଣ ପାଖରେ ପହଂଚିବାର ଗୋଟେ ଚମତ୍କାର ବାହନ ଥିଲା ଆମର ପାଲା, ଦାସକାଠିଆ, ପୁରାଣପାଠ ଓ ଅନ୍ୟାନ୍ୟ ପ୍ରଦର୍ଶନକାରୀ କଳା । ଏବେ ସେସବୁ ପ୍ରାୟ ଅଚଳ । ଲେଖକ ସବୁବେଳେ ଲେଖେ, ଲେଖାକୁ ସାଧାରଣ ପାଖରେ ପହଂଚାଇବାର କାମଟି ରସିକ ଗ୍ରାହକମାନେ କରନ୍ତି । ଆମ ସମୟରେ ରସିକମାନେ ପ୍ରାୟତଃ ମରି ହଜି ଗଲେଣି । ସାହିତ୍ୟ ସାଧାରଣ ପାଖରେ ପହଂଚିବା ଅପେକ୍ଷା ସାହିତ୍ୟିକ କେତେ ସାଧାରଣ ଜୀବନରେ ନିଜକୁ ସାମିଲ କରୁଛି, ସେଇଟା ମୋ ଲାଗି ବଡ ପ୍ରଶ୍ନବାଚୀ । ସାହିତ୍ୟିକ ପାଦରେ ଧୂଳି ଜମିଲେ ଯାଇ ସାହିତ୍ୟ ଜୀବନମୟ ହେବ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ ମୁଁ କବିତା ଲେଖି ଏମିତି କିଛି ଗୋଟେ ଓଲଟେଇ ଦେଇନି ଯେ, ମୋତେ ପୁରସ୍କାର ମିଳିବା ନିହାତି ଜରୁରୀ । ନିଜକୁ ବ୍ୟକ୍ତ କରିବାକୁ ଓ ନିଜ ସହିତ ନିଜର ପୃଥିବୀକୁ ଯୋଡିବାକୁ ମୁଁ କବିତା ଲେଖୁଛି । ପୁରସ୍କାର ସହିତ ମୋ କବି କର୍ମର କୌଣସି ସମ୍ପର୍କ ନାହିଁ ।

■ କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ କବିତା ଲେଖୁଥିବା ଯାଏ ମୋତେ ଲାଗେ, ମୋ ଭିତରେ ଜୀବନ ଅଛି । ମୋ ଜୀବନ ସହିତ ପୃଥିବୀର ସବୁ ଜୀବନକୁ ଏକାଠି ଅନୁଭବ କରିବାର ଏକ ବିରଳ ସାମର୍ଥ୍ୟ ମୋତେ କବିତା ଦେଇଛି । ନିଜ ରକ୍ତରେ କବିତାକୁ ବଂଚିବା ଛଡା ମୋର ଅନ୍ୟ କିଛି ବାର୍ତ୍ତା ନାଇଁ । ନାଗରିକ ବା ସାମ୍ବାଦିକ ଭାବରେ ହୁଏତ ମୋର କିଛି ବାର୍ତ୍ତା ରହିଛି, ହେଲେ କବି ଭାବରେ ମୁଁ କେବଳ ଏକ ମହାଜୀବନର ଅଂଶବିଶେଷ । ❤❤

## ■ କେଦାର ମିଶ୍ରଙ୍କ ପ୍ରକାଶିତ ପୁସ୍ତକ ■



**କବିତା :** ଶବ୍ଦକୁ ଚାରିପାଦ (୨୦୦୦)
ଅଶା ସୂକ୍ତ (୨୦୦୦)
ଶୂନ୍ୟ ଅଭିସାର (୨୦୦୩)
ରାଗ କେଦାର (୨୦୦୮)
ପ୍ରେମର ଦୂର ଗୀତ (୨୦୧୩)
ଏ ନୁହେଁ ମୋର ଦେଶ (୨୦୨୦)
ଶୋଷର ସ୍ଥାପତ୍ୟ (୨୦୨୧)
ପ୍ରଥମ କେଦାର (୨୦୨୨), ନଈ ପରି ମୁଁ ବୋହି ଯାଉଥାଏ (୨୦୨୩)

**ଗଦ୍ୟ ସଂକଳନ :** ବାଗ୍ ବିଶେଷ (୨୦୦୮), ଶେଷ ସ୍ପର୍ଶ (୨୦୧୩)

**ଅନୁବାଦ :** ଅନେକ କବିତା ଜର୍ମାନ, ଇଂରାଜୀ, ଋଷିଆନ, ସ୍ପାନିଶ୍, ବଂଗଳା, ହିନ୍ଦୀ, ନେପାଳୀ, ମାଲାୟଲମ୍, ଅହମିୟା, ତାମିଲ୍ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁଦିତ।

**ଇଂରାଜୀ ରଚନା:** Popular Religion and Ascetic Practices; New Studies on Mahima Dharma, (୨୦୦୮) Bhima Bhoi, Verses from the Void,(୨୦୧୦) Kandhamal Riot and the Role of Mass Media, (୨୦୦୮), Folk Dances of Odisha (୨୦୧୫)

**ସମ୍ପାଦନା–** ଉଦୟରାଗ, ସମକାଳୀନ ଓଡିଆ କବିତା (୨୦୧୦-୨୦୧୨), ସଚିତ୍ର ବିଜୟା (ମାସିକ ପତ୍ରିକା ୨୦୧୦-୨୦୧୪), ସୌରଭ ( ଅନୁପମ ଭାରତ ସମ୍ବାଦପତ୍ରର ସାପ୍ତାହିକ ସାହିତ୍ୟ ପୃଷ୍ଠା (୨୦୦୫-୨୦୧୪), ସଂଚାର ସାହିତ୍ୟ ପୃଷ୍ଠା (୨୦୧୫ -୨୦୧୮)

## ■ ଅଳ୍ପରେ କେଦାର ମିଶ୍ର ...



ଜନ୍ମ : ୧୫ ଏପ୍ରିଲ୍, ୧୯୭୨
ଜନ୍ମସ୍ଥାନ : ସୋନପୁର ସହର

ବାପା ସ୍ୱର୍ଗତ ଶମ୍ଭୁ ପ୍ରସାଦ ମିଶ୍ର ଓ ମା' ଶାନ୍ତି ମିଶ୍ର । ଗୋଟେ ସଙ୍ଘର୍ଷଶୀଳ ପିଲାଦିନ ଓ ଯାଯାବର ଭାଗ୍ୟକୁ ନେଇ ତିଆରି ହୋଇଛି ତାଙ୍କ କବିତାର ଭିତ୍ତି। ୧୯୮୨ରେ ବାପାଙ୍କ ମୃତ୍ୟୁ ପରେ କେଦାରଙ୍କ ପରିବାର ସ୍ଥାନାନ୍ତରିତ ହୋଇଥିଲେ ମାମୁଘର ଗାଁକୁ। ହାଇସ୍କୁଲ ପଢା ତାଙ୍କ ଜୀବନର ଗୋଟେ ବିଚିତ୍ର ମୋଡ। ସୋନପୁର ସହରରୁ ଭୀମଟିକିରା ଗାଁ ଭିତରେ ପ୍ରାୟ ୩୫ କିଲୋମିଟର ଦୂରତା। ଏଇ ଦୂରତା କିନ୍ତୁ କବିତା ପାଇଁ ଦୁଇଟି ପୃଥିବୀ ନିର୍ମାଣ କରିଥିବା କୁହନ୍ତି ସେ। ସୋନପୁରରେ ଚାଷ କଣ ଦେଖିନଥିବା କେଦାର ଗାଁରେ ଗୋଟେ କୃଷିଜୀବୀ ଜୀବନକୁ ଦେଖିଛନ୍ତି। ଗାଁ ତାଙ୍କୁ ନୂଆ କରି ଗଢିଛି। ସହରର ଆଲୁଅ ଓ ଗାଁ ର ଅନ୍ଧାର ଭିତରେ ପ୍ରଥମ ଫାଙ୍କ ତାଙ୍କୁ ବିସ୍ମିତ ଓ ବିଚଳିତ କରିଛି।

୧୯୮୭ରେ ମାଟ୍ରିକ ପାସ କଲାପରେ କେଦାର ଫେରନ୍ତି ପୁଣି ଥରେ ନିଜ ସହରକୁ। ଗାଁ ରେ ପୁରାଣ ପଢା, ନାଟକ ଦେଖା, ଦାସ କାଠିଆ ଓ ପାଲା ଆୟୋଜନ, ସ୍କୁଲରେ ଓଡିଆ କବିତାକୁ ପଢିବାର ଓ ସେଇ ଅନୁସରଣରେ କିଛି କିଛି ଲେଖିବାର ପ୍ରୟାସରୁ ଆସିଛି, ତାଙ୍କର କବିଜନ୍ମ। ସେ କବିତା ଓ ଗୀତିନାଟ୍ୟ ଲେଖିବାକୁ ଚେଷ୍ଟା କରିଛନ୍ତି। କଲେଜରେ ପଢିବା ବେଳେ ହଠାତ ତାଙ୍କୁ ଆକର୍ଷିତ କରନ୍ତି ତିନିଜଣ କବି– ରାଧାମୋହନ ଗଡନାୟକ, ସଚ୍ଚି ରାଉତରାୟ ଓ ମାୟାଧର ମାନସିଂହ। ପ୍ରଥମେ ଛନ୍ଦ ଓ ତାପରେ ଛନ୍ଦ ମୁକ୍ତ କବିତାର ଯାତ୍ରା ଆରମ୍ଭ ହୋଇଛି।

୧୯୮୭ରେ ତାଂକର ପ୍ରଥମ କବିତା ପ୍ରକାଶ ପାଇଥିଲା "ପ୍ରଗତିବାଦୀ" ଖବର କାଗଜର ସାହିତ୍ୟ ପୃଷ୍ଠାରେ। ପ୍ରାୟ ୧୩ ବର୍ଷ କବିତା ଲେଖିବା ପରେ ୨୦୦୦ ମସିହାରେ ସୋନପୁରର ଆଉ ତିନିଜଣ କବିଙ୍କ ସହିତ ମିଳିତ ଭାବେ ପ୍ରକାଶ ପାଏ ତାଙ୍କର ପ୍ରଥମ କବିତା ସଂକଳନ "ଶବ୍ଦକୁ ଚାରିପାଦ"। ସେହି ବର୍ଷ ତାଙ୍କର ନିଜସ୍ୱ କବିତା କବିତା ସଂକଳନ ମଧ୍ୟ ପ୍ରକାଶ ପାଏ "ଆଶା ସୂକ୍ତ" ଶୀର୍ଷକରେ।

୧୯୯୮ରେ କେଦାରଙ୍କ କବିତା ଜୀବନରେ ଆଉ ଏକ ଭିନ୍ନ ମୋଡ ଆସେ। ଜର୍ମାନୀର ହାଇଡେଲବର୍ଗ ବିଶ୍ୱ ବିଦ୍ୟାଳୟ ତରଫରୁ ଓଡିଶାର ମହିମା ଧର୍ମ ଓ ସନ୍ଥ କବି ଭୀମ ଭୋଇଙ୍କ ଜୀବନକୁ ନେଇ ଆରମ୍ଭ ହୋଇଥିବା ଗବେଷଣା ପ୍ରକଳ୍ପରେ ସହଯୋଗୀ ଭାବେ ସେ ଯୋଗଦାନ କରନ୍ତି। ୧୯୯୮ ରୁ ୨୦୦୪, ଏହି ୬ ବର୍ଷ ସେ ମହିମା ଧର୍ମ ସମ୍ପର୍କରେ ଉଚ୍ଚତର ଗବେଷଣା କରିବା ସହିତ ଭୀମ ଭୋଇଙ୍କ କବିତାର ସମ୍ପାଦନା ଓ ଇଂରାଜୀ ଅନୁବାଦ କାମରେ ମନୋନିବେଶ କରନ୍ତି। ଏହି ପ୍ରକଳ୍ପର ଗବେଷଣା ସହଯୋଗୀ ଭାବେ ନୂଆଦିଲ୍ଲୀ ସ୍ଥିତ ମନୋହର ସଂସ୍ଥା ପ୍ରକାଶ କରିଥିବା ଦୁଇଟି ଇଂରାଜୀ ବହି Popular Religion and Ascetic Practices; New Studies on Mahima Dharma,(୨୦୦୮) Bhima Bhoi, Verses from the Void,(୨୦୧୦)ର ସହ ଲେଖକ ଭାବେ ସେ ପରିଚିତି ପାଆନ୍ତି।

୨୦୦୫ରେ ସୋନପୁର ଛାଡି ସେ ଆସନ୍ତି ଭୁବନେଶ୍ୱର। ପ୍ରଥମେ "ଅନୁପମ ଭାରତ" ଖବର କାଗଜର ସାହିତ୍ୟ ପୃଷ୍ଠା "ସୌରଭ"ର ଦାୟିତ୍ୱ ନେବା ପରେ ସାହିତ୍ୟ ପତ୍ରିକା ଜଗତରେ ଏକ ନୂଆ ଆଲୋଡନ ସୃଷ୍ଟି ହୁଏ। ୨୦୦୫-୨୦୧୨, ସାତ ବର୍ଷ ଧରି ଏହି ସାହିତ୍ୟ ପୃଷ୍ଠା ବେଶ ପାଠକୀୟ ଆଦୃତି ପାଇଥିଲା। ୨୦୧୦ରେ ସେ "ଅନୁପମ ଭାରତ" ଦ୍ୱାରା ପ୍ରକାଶ ପାଉଥିବା ଚର୍ଚ୍ଚିତ ସାହିତ୍ୟ ଓ ସଂସ୍କୃତି ପତ୍ରିକା "ସଚିତ୍ର ବିଜୟା"ର ସମ୍ପାଦକ ଦାୟିତ୍ୱ ସେ ନେଇଥିଲେ।

୨୦୧୪ ପରଠୁ ଡିଜିଟାଲ ସାହିତ୍ୟ ପତ୍ରିକାର ସମ୍ପାଦନା ଓ ସୋସିଆଲ ମିଡିଆରେ ଓଡିଆ ସାହିତ୍ୟର ପ୍ରସାରଣ କାମ ସେ କରି ଆସୁଛନ୍ତି।




ସମ୍ବର୍ଦ୍ଧିତ ହେବା ଅବସରରେ କବି କେଦାର ମିଶ୍ର...



ପରେଶ କୁମାର ପଟ୍ଟନାୟକ

ଲୋକପ୍ରିୟ ଲେଖକମାନେ ପାଠକ ସୃଷ୍ଟି କରିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରିଥାଆନ୍ତି । କିନ୍ତୁ ସେମାନଙ୍କ ସାହିତ୍ୟିକ ମୂଲ୍ୟ ବିବାଦୀୟ । ଏକଦା ହିନ୍ଦୀ ଭାଷାରେ ଗୁଲସନ ନନ୍ଦା, ରାନୁ ଭଳି ଲେଖକମାନେ ଖୁବ୍ ଲୋକପ୍ରିୟ ଥିଲେ, ସତୁରୀ ଦଶକରେ । ରେଲୱେ ଷ୍ଟେସନରେ ସେମାନଙ୍କ ବହି ଗଦା ହୋଇଥାଏ । ସେମାନଙ୍କ କାହାଣୀକୁ ନେଇ ହିନ୍ଦୀଭାଷାରେ ସିନେମା ବି ତିଆରି ହେଉଥିଲା । ଆଜିର ତାରିଖରେ ସେମାନଙ୍କର ସତ୍ତା ନାହିଁ । ଏମିତିକି ବର୍ତ୍ତମାନ କାଳର ଲୋକପ୍ରିୟ ଲେଖକ ଚେତନ ଭଗତ ଓ ଅମିଷ ତ୍ରିପାଠୀଙ୍କ ବହି ବିପୁଳ ପରିମାଣରେ ବିକ୍ରି ହେଉଛି । ସେମାନେ ଲିଟରେଚର ଫେଷ୍ଟିଭାଲରେ ଭାଷଣ ଦେଉଛନ୍ତି କିନ୍ତୁ ସେମାନଙ୍କୁ ସାହିତ୍ୟିକ ବୋଲି ସ୍ୱୀକୃତି ମିଳୁନାହିଁ ।

## ପ୍ରିୟ ପାଠକ-୨୦

# ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ,ଚିହ୍ନରା ପାଠକର ଅପେକ୍ଷାରେ ମୁଁ ଯେମିତି ଅଟକି ଯାଇଛି...

ମୁଁ ବିଶ୍ୱାସ କରେ ଯେ, ପାଠକର ସ୍ୱୀକୃତି ହିଁ ଲେଖକର ସବୁଠୁ ବଡ଼ ପୁରସ୍କାର । ଆଜି ଆମେ ଯେଉଁ ଲେଖକମାନଙ୍କୁ ବିଶିଷ୍ଟ ବୋଲି କହୁଚେ, ସେମାନେ ସମସ୍ତେ ସେଇ ଶିଖରରେ ପହଞ୍ଚିଛନ୍ତି କେବଳ ପାଠକଙ୍କ ପସନ୍ଦ ପାଇଁ । ମାତ୍ର ସବୁକାଳେ ସବୁ ଲେଖକଙ୍କୁ ଚିହ୍ନରା ପାଠକ ମିଳିଯାଏ ନାହିଁ । ସେଥିପାଇଁ ବର୍ଷ ବର୍ଷ ଲାଗିଯାଇପାରେ । ଯଦିଓ ଲେଖକର ସ୍ୱପ୍ନ ଥାଏ ଓ ଆଶା ଥାଏ ଯେ କେବେ ନା କେବେ, କୋଉଠି ନା କୋଉଠି ଚିହ୍ନରା ପାଠକ ସହିତ ଭେଟ ହୋଇଯିବ । ଏହି ପ୍ରସଙ୍ଗରେ ଯଦି ମୋ ନିଜ କଥା ମୁଁ କହେ, ତେବେ ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ, ଚିହ୍ନରା ପାଠକର ଅପେକ୍ଷାରେ ମୁଁ ଯେମିତି ଅଟକି ଯାଇଛି । ମୁଁ କିଛି ସାହିତ୍ୟ ପ୍ରାୟ ପାଠ୍ୟରଚନା କରିଛି ସତ, କିନ୍ତୁ ତାହା ପାଠକର ପ୍ରିୟଭାଜନ ହୋଇଛି ବୋଲି ମନେ ହୋଇନାହିଁ ।

ଏହି କ୍ଷୁଦ୍ର ଲେଖକ ଜୀବନରେ ଅବଶ୍ୟ କିଛି ପାଠକଙ୍କ ସହିତ ମତ ବିନିମୟ ହୋଇଛି, ସେମାନେ ମୋର କୌଣସି କୌଣସି ଲେଖାକୁ ପସନ୍ଦ କରିଛନ୍ତି ବୋଲି ଜଣାଇଛନ୍ତି, କିନ୍ତୁ ସେମାନେ ଖୁବ୍ ବିକ୍ଷିପ୍ତ ଓ ସାମୟିକ । ଜଣେ ପାଠକକୁ ଏ ଲେଖାଟି ଭଲ ଲାଗିଲା ବେଳକୁ ଯା ପୂର୍ବବର୍ତ୍ତୀ ଲେଖାଟି ଭଲ ଲାଗି ନାହିଁ । କୁକୁର ଗଳ୍ପ ଭଲ ଲାଗିଲା ବେଳକୁ ଠାକୁର ଗଳ୍ପ ଭଲ ଲାଗିନାହିଁ । ତନୁଶ୍ରୀ ସିରିଜ୍ ଭଲା ଲାଗିଲା ବେଳକୁ ସ୍ୱାତୀ ସିରିଜ୍ ଭଲ ଲାଗିନାହିଁ ।

ଜଣେ ଲେଖକର ସବୁଯାକ ଲେଖା ଜଣେ ପାଠକକୁ ଭଲ ଲାଗିବ ଏମିତି କିଛି ମାନେ ନାହିଁ । ସମୟକ୍ରମେ ପାଠକର ରୁଚି ବି ବଦଳେ । ଆଉ ମୁଁ ଏମିତି ଗୋଟାଏ ଲେଖକ ଯେ ପ୍ରତିଦିନ ବଦଳୁଥାଏ । ବୟସ ଓ ଅଭିଜ୍ଞତା ବଢ଼ିବା ସହିତ ମୋର ଚିନ୍ତା ଓ ଚେତନା ବଦଳୁଥାଏ । ମୋର ଲେଖା ବି ବଦଳିବାକୁ ଆରମ୍ଭ କରେ । ଜଣେ ଜଣେ ଏପରି ବନ୍ଧୁଙ୍କ ସହିତ ଦେଖା ହୋଇଯାଏ, ଯିଏ କୁହନ୍ତି, ଆପଣ କୋଡ଼ିଏ ବର୍ଷ ତଳେ ଯୋଉ ଗପ ଲେଖୁଥିଲେ, ସେଇଟା ଭଲ ଲାଗୁଥିଲା ।

ସେ ଏପରି କାହିଁକି କୁହନ୍ତି, ମୁଁ ବୁଝିପାରେ ନାହିଁ । ପଚାରେ, କୋଡ଼ିଏ ବର୍ଷ ତଳେ ଆପଣ ତ ଏପରି କଥାଟିଏ କହି ନଥିଲେ, ସେ କହନ୍ତି କହିନଥିଲି, ଭାବିଥିଲି ଆପଣଙ୍କର ଉତ୍ତରଣ ହେବ । ମାତ୍ର ଏବେ ଦେଖୁଛି, ଆପଣଙ୍କର ଅବକ୍ଷୟ ହୋଇଛି । ତେଣୁ ନିଷ୍ଠୁର କଥାଟିକୁ କହିବା ମୋର କର୍ତ୍ତବ୍ୟ ବୋଲି ଭାବି କହିଦେଲି ।

ମୁଁ ମୋର କୋଡ଼ିଏ ବର୍ଷ ତଳର ପୁରୁଣା ଲେଖା ଖୋଜେ ଓ ପଢ଼େ । ସେସବୁ ମୋତେ ନିହାତି ଅପରିପକ୍ୱ ଓ ଅସଂପୂର୍ଣ୍ଣ ଲାଗେ । କିଛି କିଛି ଲେଖା ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ, କିଛି କିଛି ଲେଖାର ଅଭିବ୍ୟକ୍ତି ପିଲାଳିଆ ଓ ଉଦ୍ଦେଶ୍ୟମୂଳକ ମନେହୁଏ । ମୋତେ ଲଜ୍ୟା ଲାଗେ । ଏପରି ଗଳ୍ପ ବନ୍ଧୁଙ୍କୁ କାହିଁକି ଓ କିପରି ଭଲ ଲାଗିଲା ବୁଝିପାରେ ନାହିଁ । ତେବେ ସତ କଥାଟି ହେଲା, ମୋର ବୟସ ବଢୁଛି ଓ ସମପରିମାଣରେ ମୋର ଅନୁଭବ ଦନ୍ଥଡ଼ା ହୋଇ ଆସୁଛି ।

ଅନୁମାନ କରିପାରେ, ପାଠକ ବନ୍ଧୁ ଯେତେବେଳେ ସେ ଗଳ୍ପ ପଢ଼ିଥିଲେ, ସେତେବେଳେ ତାଙ୍କୁ ଭଲ ଲାଗିଥିଲା, ଆଜି ଯଦି ପଢ଼ନ୍ତେ, ତେବେ ହସନ୍ତେ, କାରଣ ସେ ମଧ୍ୟ କୋଡ଼ିଏ ବର୍ଷ ତଳେ ମୋରି ପରି ଅପରିପକ୍ୱ ଓ ପିଲାଳିଆ ଥିଲେ । ଏ ଅଭିଜ୍ଞତା ମୋ ନିଜର ବି ଅଛି । ମୁଁ କୋଡ଼ିଏ ବର୍ଷ ତଳେ ଯେଉଁ ସବୁ ବହି ପଢ଼ି ରୋମାଞ୍ଚିତ ହେଉଥିଲି । ଆଜି ସେ ସବୁ ବହି ପଢ଼ି ହୁଏନା, ନିମ୍ନମାନର ଲାଗେ ।

ମୁଁ ଯେତେବେଳେ ପ୍ରଥମ ପ୍ରଥମ ଗଳ୍ପ ରଚନାରେ ହାତ ଦେଲି ସେତେବେଳେ ମୋର ବହୁ ଗଳ୍ପର ଆଧାର ଥିଲା ପ୍ରେମ। କହିବା ବାହୁଲ୍ୟ, ସେତେବେଳେ ବୟସ କମ୍ ଥିଲା ଓ ମୁଁ ପ୍ରେମରେ ଥିଲି। ବିଶ୍ୱାସ କରୁଥିଲି ଯେ ପ୍ରେମ ବିନା ଗଳ୍ପ ଲେଖାଯାଇପାରିବ ନାହିଁ । ବହୁତ ସିନେମା ଖୋର୍ ଥିଲି । ଯୋଉଁମାନେ ପ୍ରେମର ଜୟଗାନ କରିବାରେ ମାହିର ଥିଲେ ।

ମୋର ଧାରଣା ବଦଳିବାକୁ ଆରମ୍ଭ କଲା, ଯେତେବେଳେ ଗୁରୁଜନ ସ୍ଥାନୀୟ କିଛି ଶୁଭେଚ୍ଛୁ ମୋତେ ଉପଦେଶ ଦେଲେ ଯେ 'ପ୍ରେମ ଭଳି ଶସ୍ତା କଥା ଲେଖି କାହିଁକି ନିଜର ଇମେଜ୍ ଖରାପ କରୁଛ, କିଛି ସିରିୟସ କଥା ଲେଖ ।' ମୁଁ ସିରିୟସ ସବଜେକ୍ଟ ଖୋଜୁଥିଲି ଓ ନିରାଶ ହେଉଥିଲି, ମୋର ଲେଖାସବୁ ମୋ ଅଜାଣତରେ ଏକ ଦିଗ୍‌ଦର୍ଶୀ ହୋଇପଡ଼ିଥିଲା ଓ ମୋର ସାହିତ୍ୟିକ ବନ୍ଧୁମାନେ ମୋତେ ହତାଶ ପ୍ରେମିକ ଅବା ପ୍ରେମପାଗଳ ଲେଖକ ବୋଲି କହୁଥିଲେ ।

ମୁଁ ଆଖପାଖ ଅଞ୍ଚଳର ଘଟଣା ଓ ଚିହ୍ନା ପରିଚୟ ଥିବା ଚରିତ୍ରକୁ ନେଇ ଗଳ୍ପ ରଚନା କରୁଥିଲି, ଯାହା ସମୟକ୍ରମେ ବିବାଦର ସୂତ୍ରପାତ କଲା । ପାରିବାରିକ ଅଶାନ୍ତି ସୃଷ୍ଟି ହେଲା, କିଛି ବନ୍ଧୁଙ୍କ ସହିତ ସଂପର୍କ ଖରାପ ହୋଇଗଲା । ପତ୍ନୀ, ପ୍ରେମିକା ଓ ନିକଟ ସମ୍ପର୍କୀୟ ସତର୍କ କରିପକାଇଲେ, ସାବଧାନ ! ଆମ ନାମରେ ଗଳ୍ପ ଲେଖିବ ନାହିଁ । ଏଇ ହେଉଛି ଲେଖକର ଅସହାୟତା । ସେ କିଛି ଆକାଶରୁ ତୋଳି ଆଣି ଗଳ୍ପ ରଚନା କରେ ନାହିଁ । ସେ ଯାହା ବି ଲେଖେ ତା ଭିତରକୁ ତାର ବ୍ୟକ୍ତିତ୍ୱ ପଶିଯିବାକୁ ବାଧ୍ୟ। ଚିହ୍ନା ଜଣା ଚରିତ୍ର ମଧ୍ୟ ସ୍ଥାନ ବାଛି ନିଅନ୍ତି କାହାଣୀରେ । କିନ୍ତୁ ସେଇଠୁ ଆରମ୍ଭ ହୋଇଯାଏ ସମସ୍ୟା । ଯଦି କାହାଣୀର ଚରିତ୍ର ଓ ଘଟଣା କାହା ସହିତ ମିଶିଯାଏ ଓ ଧରା ପଡ଼ିଯାଏ, ତେବେ ବିବାଦ ଆରମ୍ଭ ହୋଇଯାଏ । ଏମିତି କିଛି ଅଶାନ୍ତିରୁ ମୁଁ ନୂଆ ଚରିତ୍ର ଖୋଜୁଥିଲି, ଅନ୍ତତଃ ଯାହା ନାମରେ ଗଳ୍ପ ଲେଖିଲେ ସେ ପ୍ରତିକ୍ରିୟା ପ୍ରକାଶ କରିବ ନାହିଁ । ଏଇଭଳି ଏକ ସମୟରେ ମୋର କାହାଣୀ ଭିତରକୁ ପଶି ଆସିଲେ କିଛି କୁକୁର । ସେମାନେ ଥିଲେ ଏଇଭଳି ଚରିତ୍ର । ଯୋଉମାନଙ୍କୁ ନେଇ ଗଳ୍ପ ଲେଖିଲେ ବିବାଦ ବା ବିପଦ ନଥିଲା । ମୁଁ ଶହେ କୁକୁରକୁ ନେଇ ଶହେ ଗପ ଲେଖିବି ବୋଲି ମନେ ମନେ ପଣ କରିଦେଲି । (ଏ ପଣ ଏ ଜୀବନରେ ପୂରଣ ହୋଇ ପାରିବ କି ନା ଜାଣେନା ।)

ଏବେ କୁକୁରଙ୍କୁ ନେଇ ଗଳ୍ପ ଲେଖୁଥିଲି । ମୋର ସାହିତ୍ୟିକ ବନ୍ଧୁମାନେ ଏଣିକି ମୋତେ କୁକୁର ଲେଖକ ବୋଲି କହୁଥିଲେ । ସତ କହିବାକୁ ଗଲେ ମୋ ଗଳ୍ପର ରୋମାଣ୍ଟିକ ଭାବ ବଦଳି ଯାଇ ମୃଦୁ୍ୟ ବ୍ୟଙ୍ଗ ହୋଇପଡ଼ିଲା ଗଳ୍ପ ରଚନାର ଶୈଳୀ । କିଛି ଶୁଭେଚ୍ଛୁ ମୋତେ କହିଲେ: ଏ ସବୁ ଲଘୁ ରଚନା ଛାଡ଼, ସିରିୟସ କଥା କିଛି ଲେଖ ।

ମୁଁ ସିରିୟସ କଥା ଖୋଜୁଥିଲି ।

ଏବେ ମୋତେ ଆମ ସାମାଜିକ ଜୀବନରେ ପ୍ରଭାବ ବିସ୍ତାର କରୁଥିବା ଧାର୍ମିକ ଭ୍ରଷ୍ଟାଚାର ବେଶି ସ୍ପଷ୍ଟ ଦିଶୁଥିଲା ଓ ମୋର ଚେତନାକୁ ଆହତ କରୁଥିଲା । ମୁଁ ସେ ସଂପର୍କରେ କିଛି କଟୁତିକ୍ତ କାହାଣୀ ଲେଖିଲି ।

କିନ୍ତୁ ତାହା ପାଠକମାନଙ୍କର ଗ୍ରାହ୍ୟ ହେଲା କି ନାହିଁ ଜାଣେନା । ବନ୍ଧୁମାନେ ମୋତେ ଧର୍ମଛଡ଼ା, ଧର୍ମଦ୍ରୋହୀ, କୁଳକଳଙ୍କ ବୋଲି କହୁଥିଲେ । ଅଧିକ କଠୋର ପନ୍ଥୀ ବନ୍ଧୁ କହୁଥିଲେ, ତୁମେ ହିନ୍ଦୁଧର୍ମରେ ଅଛ ବୋଲି ଏମିତି ଲେଖି ପାରୁଛ, ଯଦି ସାହସ ଅଛି ଅନ୍ୟ ଧର୍ମ ବିଷୟରେ ଲେଖ, ତୁମ ମୁଣ୍ଡଟା କାନ୍ଧ ଉପରେ ଅଛି କି ନାହିଁ ଜାଣି ପାରିବ ନାହିଁ ।

ପାଠକ ମୋର ଲକ୍ଷ୍ୟ ହୋଇପାରେ, କିନ୍ତୁ ତାଙ୍କୁ ସନ୍ତୁଷ୍ଟ କରିବାକୁ ମୁଁ କଲମ ଧରିନାହିଁ । ମୋ କଲମ ସବୁକାଳେ ସ୍ୱାଧୀନ ଓ ସମସ୍ତ ବୁଝାମଣାର ଉର୍ଦ୍ଧ୍ୱରେ । ଯେତେ କ୍ଷୁଦ୍ର, ନଗଣ୍ୟ, ସାମାନ୍ୟ, ତୁଚ୍ଛ ବା ଲଘୁ ହେଉ, ମୋ ଭାବନା ମୋର ଓ ତାହା କେବଳ ମୋର ବିଶ୍ୱାସ ଓ ଅଙ୍ଗୀକାରକୁ ପ୍ରତିନିଧିତ୍ୱ କରେ।

ଶୁଭାକାକ୍ଷୀ ବନ୍ଧୁମାନେ କୁହନ୍ତି, ସେ ସବୁ ଧର୍ମଦୋହୀ କଥା ଲେଖ ନାହିଁ । ସିରିୟସ୍ କଥା କିଛି ଲେଖ, ତୁମେ ପୁରସ୍କାର ପାଇବ, ତୁମ ବିଷୟରେ ପ୍ରବନ୍ଧ ଓ ଆଲୋଚନା ଲେଖା ହେବ । କୋର୍ସରେ ରହିବ ତୁମର ବହି, ତୁମ ଉପରେ ପିଏଚ୍‌ଡି ଲେଖା ହେବ, ସିରିୟସ୍ ହୁଅ ।

ମୋର ବନ୍ଧୁ ଓ ଶୁଭକାଂକ୍ଷୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୁଁ ଯେ ମୋର ସାହିତ୍ୟ ରଚନାର ଦିଗ ବାରମ୍ବାର ପରିବର୍ତ୍ତନ କରିଛି, ଏ କଥା ମୁଁ ସ୍ୱୀକାର କରେନାହିଁ। ମୁଁ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରିଥାଏ ଓ ପ୍ରତିଦିନ ନୂଆ ନୂଆ ଯୋଜନାର ଚିତ୍ର ଆଙ୍କୁଥାଏ । ବନ୍ଧୁମାନଙ୍କ ପରାମର୍ଶ କ୍ରମେ ସିରିୟସ୍ କଥା ଲେଖିବାକୁ ସମର୍ଥ ହୋଇପାରେ ନାହିଁ ।

ଏହିପରି ଜଣେ ଲେଖକ ପାଇଁ ଚିହ୍ନରା ପାଠକ ନ ମିଳିବାରେ ବିସ୍ମିତ ହେବାର କିଛି ନାହିଁ । ମୁଁ ଯଦି ପାଠକର ବିଶ୍ୱାସ ଭାଜନ ହୋଇ ନ ପାରିଲି, ସେଥିପାଇଁ ଦୁଃଖ କରିବାର ମଧ୍ୟ ନାହିଁ । କହିଚି ତ, ଲେଖକର ଲକ୍ଷ୍ୟ ହେଉଛି ପାଠକ । କିନ୍ତୁ କିଏ ସେ ପାଠକ ? ଲେଖକ କଣ ତାକୁ ଚିହ୍ନେ ? ଯେତେବେଳେ ଲେଖାଟି ରୂପ ପରିଗ୍ରହ କରୁଥାଏ, ସେତେବେଳେ କଣ ପାଠକଟି ଦିଶୁଥାଏ ।

ମୋର ବିଶ୍ୱାସ, ନା !

ଲୋକପ୍ରିୟ ଲେଖକମାନେ ପାଠକ ସୃଷ୍ଟି କରିବାରେ ବହୁତ ବଡ଼ ଭୂମିକା ଗ୍ରହଣ କରିଥାଆନ୍ତି । କିନ୍ତୁ ସେମାନଙ୍କ ସାହିତ୍ୟିକ ମୂଲ୍ୟ ବିବାଦୀୟ । ଏକଦା ହିନ୍ଦୀ ଭାଷାରେ ଗୁଲସନ ନନ୍ଦା, ରାନୁ ଭଳି ଲେଖକମାନେ ଖୁବ୍ ଲୋକପ୍ରିୟ ଥିଲେ, ସତୁରୀ ଦଶକରେ । ରେଲୱେ ଷ୍ଟେସନରେ ସେମାନଙ୍କ ବହି ଗଦା ହୋଇଥାଏ । ସେମାନଙ୍କ କାହାଣୀକୁ ନେଇ ହିନ୍ଦୀଭାଷାରେ ସିନେମା ବି ତିଆରି ହେଉଥିଲା । ଆଜିର ତାରିଖରେ ସେମାନଙ୍କର ସତ୍ତା ନାହିଁ । ଏମିତିକି ବର୍ତ୍ତମାନ କାଳର ଲୋକପ୍ରିୟ ଲେଖକ ଚେତନ ଭଗତ ଓ ଅମିଷ ତ୍ରିପାଠୀଙ୍କ ବହି ବିପୁଳ ପରିମାଣରେ ବିକ୍ରି ହେଉଛି । ସେମାନେ ଲିଟରେଚର ଫେଷ୍ଟିଭାଲରେ ଭାଷଣ ଦେଉଛନ୍ତି କିନ୍ତୁ ସେମାନଙ୍କୁ ସାହିତ୍ୟିକ ବୋଲି ସ୍ୱୀକୃତି ମିଳୁନାହିଁ । ଆମ ଓଡ଼ିଆ କଥା ଯଦି ଦେଖିବା, ତେବେ ବହୁ ଲେଖକ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଥିବାର ବି ଦେଖି ପାରିବା । ଏକଦା କଲିକତାର ଚଣ୍ଡୀମାତା ପୁସ୍ତକ ଭଣ୍ଡାର ପ୍ରକାଶିତ ଉପନ୍ୟାସ ସବୁ ବହୁବିକ୍ରୀତ ଥିଲା। କୁଆଡ଼େ ଗଲେ ସେହି ସବୁ ଲେଖକ ? ଶହ ଶହ ରହସ୍ୟ ଉପନ୍ୟାସ ଲେଖକ କିଏ କୁଆଡ଼େ ହଜିଗଲେ । ଓଡ଼ିଶାରେ ପାଞ୍ଚଶହରୁ ଅଧିକ ଉପନ୍ୟାସ ଲେଖିଥିବା ଭାଗିରଥୀ ଦାସଙ୍କୁ କେହି ସାହିତ୍ୟିକ ସ୍ୱୀକୃତି ଦେଇଛି ବୋଲି ମୋର ମନେ ହୁଏନା । ଲୋକପ୍ରିୟତା ସାହିତ୍ୟିକର ଏକମାତ୍ର ସଫଳତା ନୁହେଁ । ଏବେ ସୁଦ୍ଧା ମୁଁ ବୁଝିପାରି ନାହିଁ ସାହିତ୍ୟିକ ମାନଟା ଠିକ୍ ଭାବରେ କଣ ? ତେବେ ମୋର କିଛି ଶୁଭଚିନ୍ତକ ଅଛନ୍ତି, ଯୋଉମାନେ ମଝିରେ ମଝିରେ ମୋତେ ପ୍ରେରଣା ଦେଇ ଚାଲିଛନ୍ତି, ସିରିୟସ କଥା କିଛି ଲେଖ ହୋ !

ପାଠକ ମୋର ଲକ୍ଷ୍ୟ ହୋଇପାରେ, କିନ୍ତୁ ତାଙ୍କୁ ସନ୍ତୁଷ୍ଟ କରିବାକୁ ମୁଁ କଲମ ଧରିନାହିଁ । ମୋ କଲମ ସବୁକାଳେ ସ୍ୱାଧୀନ ଓ ସମସ୍ତ ବୁଝାମଣାର ଉର୍ଦ୍ଧ୍ୱରେ । ଯେତେ କ୍ଷୁଦ୍ର, ନଗଣ୍ୟ, ସାମାନ୍ୟ, ତୁଚ୍ଛ ବା ଲଘୁ ହେଉ, ମୋ ଭାବନା ମୋର ଓ ତାହା କେବଳ ମୋର ବିଶ୍ୱାସ ଓ ଅଙ୍ଗୀକାରକୁ ପ୍ରତିନିଧିତ୍ୱ କରେ।

ଏମିତିରେ ମୋର ରଚନା ଯଦି କୌଣସି ପାଠକକୁ ଭଲ ଲାଗିଲା ତାହା ମୋର ସୌଭାଗ୍ୟ, କିନ୍ତୁ ସେହି ସୌଭାଗ୍ୟ ପଛରେ ମୋର ଧାଇଁବାର ନାହିଁ । ଏପରିକି ମୋ ମୃତ୍ୟୁର ଅନେକ ବର୍ଷ ପରେ କେହି ଜଣେ ପାଠକ ଯଦି ମୋତେ ପୁରୁଣା ବହି ଭିତରୁ ଅବିଷ୍କାର କରି ଆହ୍ଲାଦିତ ହେଲା, ଏକା ଏକା ତାଳିଟିଏ ମାରିଲା, ତାହାକୁ ମୁଁ ମୋର ସାର୍ଥକତା ବୋଲି ମନେ କରିବି, ଯଦିଓ ମୁଁ ନଥିବି କୋଉଠି ।

ପାଠକମାନେ ଆସନ୍ତି ଓ ଯାଆନ୍ତି । ସେମାନଙ୍କର ରୁଚି ମଧ୍ୟ ଭିନ୍ନ ଭିନ୍ନ । ଚିନ୍ତାଧାରା ବି ଭିନ୍ନ ଭିନ୍ନ । କିନ୍ତୁ ଲେଖା ପଡ଼ି ରହିଥାଏ । ମୁଁ ଓ ମୋର ସମଗୋତ୍ରୀ ଲେଖକମାନଙ୍କର ରଚନା ସଜା ହୋଇ ରହିଥାଏ ସମୟ ପିଠିରେ।

କିଛି ପାଠକଙ୍କ ସହିତ ମୋ ଆଳାପର ଚିତ୍ର କିଛି ଦେଉଛି, ଯାହା ନିମ୍ନ ମତେ ।

ଜଣେ ପାଠକ ଦେଖା ହେଲେ, କହିଲେ, ମୁଁ କୋଡ଼ିଏ ବର୍ଷ ହେଲା ସାହିତ୍ୟ ପଢ଼ିବା ଛାଡ଼ି ଦେଇଛି । କାହିଁକି ପଢ଼ିଥାଆନ୍ତି କହିଲେ ? ମୁଁ କହିଲି: ପଢ଼ିବା ନ ପଢ଼ିବା ଆପଣଙ୍କ ପସନ୍ଦ। ନ ପଢ଼ନ୍ତୁ କିଛି ଯାଏ ଆସେ ନାହିଁ । କିନ୍ତୁ ଏକଥାକୁ ଏତେ ଗର୍ବର ସହିତ କୁହନ୍ତୁ ନାହିଁ । ଏଇଟି ଗର୍ବ କରିବା ଭଳି କଥା ନୁହେଁ ।

ଆଉ ଜଣେ ପାଠକ କହିଲେ ଶ୍ରୀ ଅମୁକ ଆପଣଙ୍କଠାରୁ ଭଲ ଲେଖୁଛନ୍ତି । ମୁଁ ଏବେ ତାଙ୍କୁ ପଢୁଛି ।

ମୁଁ କହିଲି: ଉତ୍ତମ ! ଉତ୍ତମ ! ଯାହା ଆପଣଙ୍କ ପସନ୍ଦ, ତାହା ହିଁ ପଢ଼ନ୍ତୁ । ଭଲକୁ ଭଲ କୁହନ୍ତୁ । ଆପଣ ଯେ ପଢୁଛନ୍ତି ତାହା ହେଉଛି ସବୁଠୁ ବଡ଼ ଆଶ୍ୱାସନା ।

ଆଉ ଜଣେ ପାଠକ କଟୁ ମନ୍ତବ୍ୟ ଦେଲେ: ଏବେ ଆଉ ଓଡ଼ିଆ ସାହିତ୍ୟରେ କିଛି ଭଲ ଲେଖା ହେଉନାହିଁ । ନିମ୍ନମାନର ଲେଖାରେ ଭରି ଉଠୁଛି ଓଡ଼ିଆ ସାହିତ୍ୟ !

ମୁଁ କହିଲି: ଠିକ୍ କଥା କହିଛନ୍ତି । ଆପଣ ଦୟାକରି ନିମ୍ନମାନର ଲେଖା ପଢ଼ନ୍ତୁ ନାହିଁ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ । କୃପାକରି କୁହନ୍ତୁ, ଆପଣ ଶେଷଥର ପାଇଁ କେବେ ଓଡ଼ିଆ ବହି ପଢ଼ିଥିଲେ ?

ସେ କହିଲେ: ପ୍ରାୟ ପଚିଶ ବର୍ଷ ତଳେ ।

ମୁଁ କହିଲି: ପଚିଶ ବର୍ଷ ଭିତରେ ଆପଣ କିଛି ପଢ଼ି ନାହାନ୍ତି, ଏବକାର ସାହିତ୍ୟ ଉପରେ ମତ ଦେବାର ଅଧିକାର ଆପଣଙ୍କୁ କିଏ ଦେଲା ?

ଆଉ ଜଣେ ପାଠକ ମତ ଦେଲେ: ଏବେ ଏତେ ଏତେ ଲେଖକ ବାହାରିଲେଣି, ଏତେ ଲେଖା ବାହାରୁଛି ଯେ, ତା' ଭିତରୁ ଭଲ ଲେଖାଟିଏ ଖୋଜି ପାଇବା ଭାରି କଷ୍ଟ ।



ପ୍ରିୟ ପାଠକ

ମୁଁ କହିଲି ଖୋଜନ୍ତୁ ! ଆପଣଙ୍କ ପସନ୍ଦର ଲେଖାଟିକୁ ପଢ଼ନ୍ତୁ । ଭଲ ଗୋଟିଏ ଆପେକ୍ଷିକ ଶବ୍ଦ । ଆପଣଙ୍କ ଭଲ ଲାଗୁନାହିଁ, ହୁଏତ ଆଉ କାହାକୁ ଭଲ ଲାଗୁଥିବ । ଲେଖକ ଅଧିକ ହେଲେ ଲେଖା ଅଧିକ ହେଲେ, ଲାଭ ହେଉଛି ଯେ ଆମ ପାଖରେ ଭେରାଇଟି ରହିବ । ଆମେ ବହୁତ ଲେଖା ପାଇବା, ପସନ୍ଦର ଲେଖାଟି ଖୋଜି ପାଇବା ପାଇଁ । ପାଠକ ଖାଲି ପଢ଼େନି, ଖୋଜେ ମଧ୍ୟ । ଏବେ ଜଣେ ଶୁଭେଚ୍ଛୁ ପାଠକ କହିଲେ: ଆପଣ ଲେଖା ବନ୍ଦ କରିଦିଅନ୍ତୁ । ବହୁତ ଦିନ ହେଲା ଲେଖିଲେଣି !

ମୁଁ ପଚାରିଲି: ଆପଣଙ୍କୁ ଭଲ ଲାଗୁନି ?

ସେ ରୋକ୍‌ଠୋକ୍ ଶୁଣେଇଦେଲେ ! ନା !

ମୁଁ କହିଲି: ମୁଁ ପ୍ରକୃତରେ ଆପଣଙ୍କ ପାଇଁ ଲେଖୁନାହିଁ ।

ଏମିତି ଜଣକ ପାଇଁ ଲେଖୁଛି, ଯିଏ ଏ ପ୍ରକାର ଲେଖାକୁ ପସନ୍ଦ କରେ ।

ସେ ବିରକ୍ତିର ସହିତ ପଚାରିଲେ: କିଏ ସେ ମୂର୍ଖ ? ବାଚାଳ ?

ମୁଁ କହିଲି: ହୁଏତ ସେ ଜନ୍ମ ହୋଇନାହିଁ । କିମ୍ବା ଯଦି ହୋଇଛି, ଏ ପର୍ଯ୍ୟନ୍ତ ପଢ଼ାପଢ଼ି ଆରମ୍ଭ କରିନାହିଁ । କିନ୍ତୁ ଦିନେ ସେ ପଢ଼ିବା ଆରମ୍ଭ କରିବ ଓ ମୋତେ ଖୋଜିବ । ମୁଁ ଲେଖା ବନ୍ଦ କରିଦେବି କିଆଁ ? କୌଣସି ଲେଖକ ବର୍ତ୍ତମାନରେ ବାସ କରେନା । ବହୁବର୍ଷ ପର୍ଯ୍ୟନ୍ତ ଥାଏ ତାର ରାଜତ୍ୱ ।

ଜଣେ ପାଠକ କ୍ଷୋଭ ପ୍ରକାଶ କରି କହିଲେ: ଆଜ୍ଞା ! ପାଠକର କଣ କୌଣସି ମୂଲ୍ୟ ନାହିଁ ? ତାକୁ ସମସ୍ତେ ହେୟଜ୍ଞାନ କରୁଛନ୍ତି । ମୁଁ ମତ ଦେଲି: କିଏ ହେୟଜ୍ଞାନ କଲା ? ପାଠକ ନ ଥିଲେ, ଲେଖକର ଏ ସୃଜନକର୍ମର ଅର୍ଥ କଣ ? ଲେଖା ନ ଥିଲେ ପାଠକ ପଢ଼ିବ ବା କଣ ?

ଲେଖକ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ବାସ କରେ, କିନ୍ତୁ ତାର ଲେଖା କାଳକୁ ଅତିକ୍ରମ କରି ବଞ୍ଚି ରହେ ବହୁକାଳ । କାଳକାଳ ଧରି ତାକୁ ବଂଚାଇ ରଖନ୍ତୁ କେବଳ ପାଠକମାନେ । ନଶ୍ୱର ଲେଖକକୁ ଅମର କରୁଥିବା ପାଠକମାନଙ୍କୁ ମୁଁ ନମସ୍କାର କରୁଛି। ପାପୀ ଲେଖକକୁ ଈଶ୍ୱରରେ ପରିଣତ କରିପାରୁଥିବା ପାଠକକୁ ମୁଁ ପ୍ରଣାମ କରୁଛି। ପାଗଳ ଲେଖକକୁ ଭଲ ପାଇବାର ନୈବେଦ୍ୟ ଅର୍ପଣ କରୁଥିବା ପାଠକକୁ ମୁଁ ସମ୍ମାନ ଜଣାଉଛି ।

♥ ମୋ : ୯୪୩୭୦୦୦୩୪୫

---

ଆମ ସ୍ୱାସ୍ଥ୍ୟ

# ଡେ଼ଙ୍ଗୁ ଜ୍ୱର ଓ ଯକୃତ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଡେ଼ଙ୍ଗୁରୋଗୀଙ୍କ ପାଇଁ କୌଣସି ଭ୍ୟାକସିନ୍ ବା ଟୀକା, ଆଣ୍ଟିଭାଇରାଲ ବ୍ୟବସ୍ଥା ନାହିଁ । ଯାହାଦ୍ୱାରା ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ ।

ରାଜ୍ୟରେ ମୌସୁମୀ ବର୍ଷା ସକ୍ରିୟ ହେବା ପରେ ଓଡ଼ିଶାର କିଛି ସ୍ଥାନରେ ଡେଙ୍ଗୁ ଜ୍ୱରର ପ୍ରାର୍ଦୁଭାବ ଦେଖାଗଲାଣି। ଓଡ଼ିଆରେ ଏକ ଲୋକକଥା ଅଛି 'ବିପଦ ଯେତେବେଳେ ଆସେ ସେ ତା ସାଙ୍ଗସାଥି ଧରି ଆସେ'। ଅର୍ଥାତ୍ ବର୍ଷା ଦିନର ସ୍ୱାସ୍ଥ୍ୟ ସମସ୍ୟା ଅନେକଙ୍କୁ ଅସ୍ତବ୍ୟସ୍ତ କରିଦେଉଥିବାବେଳେ ଭୟାବହ ଡେଙ୍ଗୁ ଜ୍ୱରର କଷ୍ଟ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ବିଗାଡ଼ି ଦେବାର ସମ୍ଭାବନା ଅଛି। ସାଧାରଣରେ ହଳଦିଆ ଜ୍ୱର କୁହାଯାଉଥିବା ଡେ଼ଙ୍ଗୁଜ୍ୱର ଏଇଡିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ । ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଥିବାର ଖବର ପ୍ରକାଶ ପାଇଛି ହେଲେ ମହିଳା ମାନଙ୍କର ଡେ଼ଙ୍ଗୁ ଜ୍ୱରକୁ ନେଇ ସେପରି ଭୟଭୀତ ହେବାର କିଛି କାରଣ ନାହିଁ । ଏହି ଜ୍ୱର ଫ୍ଳେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହାକୁ କାମୁଡୁଥିବା ମଶା ହେଉଛନ୍ତି ଏଇଡ଼ିସ୍ ଇଜିପ୍‌ଟାଇ ଏବଂ ଏଇଡ଼ିସ୍ ଆଲ୍‌ବୋପିକ୍‌ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚ ଛଅ ଦିନ ପରେ ଡେ଼ଙ୍ଗୁର ଲକ୍ଷଣ ଦେଖାଯାଇଥାଏ। ସେହିପରି ଏହି ମଶା ମହିଳା ରୋଗୀଙ୍କୁ କାମୁଡ଼ିବାର ଦୁଇ ସପ୍ତାହ ପରେ ଅନ୍ୟ ସୁସ୍ଥ ମହିଳା ମାନଙ୍କୁ କାମୁଡ଼ିଲେ ଏହି ରୋଗ ସଂକ୍ରମଣ ହୋଇଥାଏ । ବାସ୍ତବ କଥା ହେଉଛି ସମସ୍ତଙ୍କୁ ଡରାଣ ଦେଖାଉଥିବା ଡେଙ୍ଗୁ ପାଇଁ ପ୍ରତିଷେଧକ ନାହିଁ । ଡେ଼ଙ୍ଗୁରୋଗୀଙ୍କ ପାଇଁ କୌଣସି ଭ୍ୟାକସିନ୍ ବା ଟୀକା, ଆଣ୍ଟିଭାଇରାଲ ବ୍ୟବସ୍ଥା ନାହିଁ । ଯାହାଦ୍ୱାରା ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡେ଼ଙ୍ଗୁ ଭୂତାଣୁ ଶରୀରରେ ଅଙ୍ଗ ଅଙ୍ଗକୁ ଅଚଳ କରିଥାଏ। ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରର ପ୍ଲେଟଲେଟ ମଧ୍ୟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ଥାଏ। ମନେରଖିବା ଉଚିତ ଏହା କିଡ଼ନୀ, ଲିଭର ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ଥାଏ।

ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚ ଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ଏହା ଯନ୍ତ୍ରଣା ପ୍ରଦାନ କରିଥାଏ । ରୋଗୀର ମୁଣ୍ଡବିନ୍ଧା ସହ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ। କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ୍ୟ ହୋଇଥାଏ। ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ମହିଳା ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା - ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ।

ଡେଙ୍ଗୁ ଆକ୍ରାନ୍ତ କ୍ଷେତ୍ରରେ ତୁରନ୍ତ ଅଭିଜ୍ଞ ଭେଷଜ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ସେହିପରି ଡେଙ୍ଗୁ ଶରୀରରେ ରହିଥିବାର ପ୍ରମାଣିତ ହେବାପରେ ପେଟ ଯନ୍ତ୍ରଣା ବା ପେଟ ଜନିତ ସମସ୍ୟା ରହିଥିଲେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତେବେ ଏ କ୍ଷେତ୍ରରେ ବିଶେଷ ଭାବରେ ଭୟଭୀତ ନହୋଇ ସର୍ବପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶ କ୍ଷେତ୍ରରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ। ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ। ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ୍ୟ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖିଥିବା ଜରୁରୀ। ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ମହିଳାରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପ୍ରାରମ୍ଭିକ ସମୟରେ ଜ୍ୱର, କାଶ, ଭୋଗ ନହେବା ଏହିପରି ଲକ୍ଷଣମାନ ଦେଖିଲେ ଭେଷଜ ବିଶେଷଜ୍ଞ ଓ ଲିଭର ବିଶେଷଜ୍ଞଙ୍କୁ ତୁରନ୍ତ ସାକ୍ଷାତ କରନ୍ତୁ । ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଡେଙ୍ଗୁ ୟୁନିଟ୍ ଖୋଲା ଯିବା ସହ ଭେଷଜ ବିଶେଷଜ୍ଞଙ୍କ ସ୍ୱତନ୍ତ୍ର ଦଳ ବିଭିନ୍ନ ଚିକିତ୍ସାଳୟରେ ପରିଦର୍ଶନ କରି ନିରାକରଣ ପାଇଁ ଉଦ୍ୟମ ରଖିଛନ୍ତି । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଡେଙ୍ଗୁ ନିୟନ୍ତ୍ରଣ, ଚିକିତ୍ସା ଓ ଏହାକୁ ନେଇ ସାଧାରଣରେ ସଚେତନତା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଓ ଯୋଜନା ହାତକୁ ନେଇଛନ୍ତି। ଏ କ୍ଷେତ୍ରରେ ତୁଟୁକା ତୁଟୁକି ଚିକିତ୍ସା ବା ବିଶ୍ୱାସ ଅପେକ୍ଷା ସରକାରୀ ଚିକିତ୍ସା ଓ ସହାୟତା ହିଁ ନିର୍ଭରଯୋଗ୍ୟ ଓ ଜରୁରୀ । ସହରାଞ୍ଚଳରେ ସରକାର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଡେଙ୍ଗୁର ଭୟାବହତା ଓ ସଚେତନତା ପାଇଁ ପ୍ରଚାର ଗାଡ଼ି ଠାରୁ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏ କ୍ଷେତ୍ରରେ ଆପଣମାନଙ୍କ ସହଯୋଗ ସବୁଠାରୁ ବଡ଼ ଜରୁରୀ ।

♥ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ

ମୋ : ୯୪୩୭୦୫୧୯୫୭

## ଚେତନାର ଦର୍ପଣ - ୩୫

# ଚାରିପ୍ରକାରର ମନୁଷ୍ୟ



♥ ଲଳିତ ମୋହନ ମିଶ୍ର

ଥରେ ସ୍ୱାମୀ ରାମକୃଷ୍ଣ ପରମହଂସ ତାଙ୍କର ଶିଷ୍ୟ ନରେନ୍ଦ୍ରଙ୍କୁ କହିଥିଲେ, ମନୁଷ୍ୟ ଚାରିପ୍ରକାରର - ବଦ୍ଧ, ମୁମୁକ୍ଷୁ, ମୁକ୍ତାତ୍ମା ଓ ନିତ୍ୟ । ନରେନ୍ଦ୍ର କହିଲେ- ଗୁରୁବର ! ବିସ୍ତୃତ ଭାବେ ବୁଝାଇ ଦିଅନ୍ତୁ । ସ୍ୱାମୀଜୀ ବୁଝାଇ କହିଥିଲେ - ଯେଉଁମାନେ ସଂସାରରେ ବାନ୍ଧି ହୋଇ ରହିଥାଆନ୍ତି, ସେମାନେ ହିଁ ବଦ୍ଧ । ମୁମୁକ୍ଷୁ ଅର୍ଥ ହେଉଛି, ଯେଉଁମାନେ ସଂସାରରୁ ମୁକ୍ତି ଚାହାଁନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ମଧ୍ୟ ମୁକ୍ତି ପାଇ ଯାଆନ୍ତି । ମୁକ୍ତ ଜୀବମାନେ ସାଧୁ ଓ ମହାତ୍ମାଙ୍କ ପରି। ଏମାନେ ସଂସାରର ମାୟା ବନ୍ଧନରେ ଫସି ନ ଯାଇ ଭଗବାନଙ୍କୁ ଜପ ତପ ଧ୍ୟାନ କରନ୍ତି । ଦୈନନ୍ଦିନ ଜୀବନରେ ଏହି ମନୁଷ୍ୟମାନେ ସଂସାରରେ ଏତେ ବିରକ୍ତ ହୋଇଯାଆନ୍ତି ଯେ ସେମାନେ ନିଜର ସମସ୍ତ କର୍ମ ସମାପ୍ତ କରି ଭଗବାନଙ୍କ ଠାରେ ଲୀନ ହୋଇଯାଆନ୍ତି । ନରେନ୍ଦ୍ର କହିଲେ, ଗୁରୁଦେବ, ଦୟାକରି ଏହାକୁ ଆହୁରି ସରଳ ଭାବରେ ବୁଝାଇ ଦିଅନ୍ତୁ। ଗୋଟିଏ ମାଛର ଉଦାହରଣ ଦେଇ ରାମକୃଷ୍ଣ ପରମହଂସ କହିଲେ, ଜାଲକୁ ପୋଖରୀରେ ଫିଙ୍ଗିଦେଲେ ଜାଲରେ ଦୁଇ ଚାରୋଟି ଚାରୋଟି ମାଛ ଧରାପଡ଼ନ୍ତି ନାହିଁ। ଏଭଳି ମାଛ ଗୁଡ଼ିକ ଦୈନନ୍ଦିନ ଜୀବ ଭଳି ହୋଇଥାଆନ୍ତି । କିନ୍ତୁ ଅନେକ ମାଛ ଜାଲରେ ପଡି ଯାଆନ୍ତି , ସେଥିମଧ୍ୟରୁ କେତେକ ମୁକ୍ତ ହେବାକୁ ଚେଷ୍ଟା କରନ୍ତି ଏବଂ ସଫଳ ମଧ୍ୟ ହୁଅନ୍ତି । ସେମାନେ ମୁକ୍ତ ଆତ୍ମା ପରି। ଏପରି କି ଦୁଇ ଚାରିଟି ମାଛ ମଧ୍ୟ ଅଛନ୍ତି । ଯେଉଁମାନେ ଜାଲରେ ପଡି ଯିବା ପରେ ମଧ୍ୟ ବାହାରକୁ ଡେଇଁବାକୁ ଚେଷ୍ଟା କରନ୍ତି ଏବଂ ଶେଷରେ ଡେଇଁ ପଳାଇ ଯାଆନ୍ତି । ସେମାନଙ୍କୁ ମୁମୁକ୍ଷୁ ବୋଲି ବିବେଚନା କରାଯାଏ । ଶେଷରେ ଜାଲରେ କେବଳ ସେହି ମାଛ ପଡି ରହିଥାନ୍ତି , ଯେଉଁମାନେ ଖସିଯିବାକୁ ଚେଷ୍ଟା କରନ୍ତି ନାହିଁ । ସେମାନେ ଭାବନ୍ତି ଯେ ଆମର ଭୟ କିଛି ନାହିଁ, ଆମେ ଆନନ୍ଦରେ ଅଛୁ । କିନ୍ତୁ ପରେ ମତ୍ସ୍ୟଜୀବୀ ସେମାନଙ୍କୁ ନେଇ ବିକ୍ରୟ କରନ୍ତି । ସେମାନଙ୍କୁ ବଦ୍ଧ କୁହାଯାଏ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ଅଣସର ଓ ଶ୍ରୀ ଅଲାରନାଥ

ବାଦଲ ଭୂୟାଁ



ସ୍ନାନ ଉତ୍ସବରେ ଅଧିକ ଗାଧୋଇବା ଦ୍ୱାରା ମହାପ୍ରଭୁଙ୍କୁ ଜର ହୁଏ। ଚଉଦ ଦିନ ପର୍ଯ୍ୟନ୍ତ ଚତୁର୍ଦ୍ଧା ମୂର୍ତ୍ତି ଅଣସର ବିଜେ ହୁଅନ୍ତି ଏବଂ ବିଧି ମୁତାବକ ସେବା ନୀତି ଅନୁଷ୍ଠିତ ହୁଏ। ଏହି ସମୟରେ ସାଧାରଣ ଦର୍ଶନ ବନ୍ଦ ରହୁଥିବାରୁ, ଜଗନ୍ନାଥ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କ ଦର୍ଶନ କରନ୍ତି। ଶ୍ରୀ ଅଲାରନାଥଙ୍କ କମନୀୟ ରୂପକାନ୍ତି ଦର୍ଶନ, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହିତ ସମାନ ଓ ପୁଣ୍ୟପ୍ରାପ୍ତି ହେଉଥିବା ଭକ୍ତ ଶ୍ରଦ୍ଧାଳୁଙ୍କ ବିଶ୍ୱାସ। କିମ୍ବଦନ୍ତୀ ଅନୁସାରେ ଏମିତି ଅଣସର ସମୟରେ ପ୍ରଭୁଙ୍କ ଦର୍ଶନ ନପାଇ, ଭକ୍ତ ଆଲବାନ୍ଦାଚାର୍ଯ୍ୟ ମନ ଦୁଃଖରେ ଫେରିଯାଉଥିଲେ। ଶ୍ରୀମନ୍ଦିରର ଦକ୍ଷିଣକୁ ସାତ କୋଶ ଦୂର ବ୍ରହ୍ମଗିରି ଠାରେ ଚତୁର୍ଭୁଜ ନାରାୟଣ ମୂର୍ତ୍ତି ଦେହରେ ଦର୍ଶନ ଦେବେ ବୋଲି ପ୍ରଭୁ ନିର୍ଦ୍ଦେଶ ଦେଇଥିଲେ। ଭକ୍ତ ଅଲବାନ୍ଦାଚାର୍ଯ୍ୟଙ୍କ ନାମାନୁସାରେ ସେହି ନାରାୟଣ ମୂର୍ତ୍ତି କ୍ରମେ ଅଲାରନାଥରେ ନାମିତ ହୋଇଥିବା ଜଣାଯାଏ। ମାଦଳା ପାଞ୍ଜି ଅନୁସାରେ, ଗଙ୍ଗବଂଶକ ନରପତି ରାଜା ମଦନ ମହାଦେବଙ୍କ ରାଜତ୍ୱ ସମୟରେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ମନ୍ଦିରଟି ପ୍ରତିଷ୍ଠିତ। ସିଂହାସନ ଆରୂଢ଼ ପ୍ରଭୁ ଅଲାରନାଥ ପୀତାମ୍ବର ବସ୍ତ୍ର, ଅଙ୍ଗରେ ଅଳଙ୍କାର, ଚତୁର୍ଭୁଜରେ ଶଙ୍ଖ-ଚକ୍ର-ଗଦା-ପଦ୍ମ ଦ୍ୱାରା ସୁଶୋଭିତ। ଅଲାରନାଥଙ୍କ ଭୋଗ, ପୂଜା ଓ ନୀତିକାନ୍ତି ବୈଷ୍ଣବୀୟ ପରମ୍ପରାରେ ସଂପାଦିତ ହୁଏ। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସହିତ ଏହି ପୀଠରେ ଭାଗବତ ସଂପର୍କ ରହିଛି। ଅଲାରନାଥଙ୍କ ଠାରେ ଜଗନ୍ନାଥଙ୍କୁ ଦର୍ଶନ କରି ସେ ଖୁସିରେ ଗଡ଼ିଯାଇଥିଲେ। ଶ୍ରୀ ଅଲାରନାଥଙ୍କ ଖିରି ଭୋଗ ପ୍ରସିଦ୍ଧ।

ଭକ୍ତିର ଶକ୍ତି ଅଧିକ। ଯାହା ପଥରକୁ ବି ତରଳାଇ ଦେଇଥାଏ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମଗିରି ଅଲାରନାଥ ପୀଠରେ। ଏହି ପୀଠରେ ପୂଜା ପାଉଛନ୍ତି ବିଷ୍ଣୁଙ୍କ ଚତୁର୍ଦ୍ଧାମୂର୍ତ୍ତି। ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନେ ଦେବସ୍ନାନ ପୂର୍ଣ୍ଣମୀ ପରେ ଜ୍ୱରରେ ପଡ଼ିବା ଯୋଗୁଁ ଅଲାରନାଥ ପୀଠରେ ଅଣସର ଦର୍ଶନ ଚାଲିଥାଏ। ଦର୍ଶନ ପାଇଁ ବିଭିନ୍ନ ପ୍ରାନ୍ତରୁ ଭକ୍ତ ଛୁଟିଆସନ୍ତି। କିମ୍ବଦନ୍ତୀ କୁହେ ଶ୍ରୀଚୈତନ୍ୟଙ୍କ ଆଗମନ ପରେ ଏହି ପୀଠ ବିଷ୍ଣୁପ୍ରେମୀଙ୍କ ପାଇଁ ବେଶ ଆଦୃତ ହୋଇପାରିଥିଲା। ୧୫ଶ ଶତାବ୍ଦୀରେ ଶ୍ରୀଚୈତନ୍ୟ ଶ୍ରୀ ଜୀଉମାନଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆଗମନ କରିଥିଲେ। ଠିକ୍ ସେହି ସମୟରେ ଦେବସ୍ନାନ ପୂର୍ଣ୍ଣମୀ ପରେ ଠାକୁରମାନେ ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଥାନ୍ତି। ଯାହାଫଳରେ ଶ୍ରୀଚୈତନ୍ୟ ଠାକୁରମାନଙ୍କୁ ଦର୍ଶନ କରି ପାରିନଥିଲେ। ଶେଷକୁ ନିଜକୁ ଧିକ୍କାର କରି ସମୁଦ୍ରରେ ପ୍ରାଣ ଝାସ ଦେବା ପାଇଁ ଯାଇଥିଲେ। କିନ୍ତୁ ଭଗବାନଙ୍କ ଲୀଳା ଭିନ୍ନ। ସେ ଭକ୍ତର ମନକଥା ଜାଣିପାରନ୍ତି। ସେଠାରେ ଶ୍ରୀଚୈତନ୍ୟଙ୍କୁ ଶୂନ୍ୟ ବାଣୀ ହୋଇଥିଲା। ତୁମେ ବ୍ରହ୍ମଗିରି ଅଲାରନାଥ ପୀଠକୁ ଯାଅ। ସେଠାରେ ମୋତେ ବିଷ୍ଣୁ ରୂପରେ ଦର୍ଶନ କର। ଶୂନ୍ୟବାଣୀ ପରେ ସମୁଦ୍ରରେ ଝାସ ନଦେଇ ଶ୍ରୀଚୈତନ୍ୟ ସମୁଦ୍ର କୂଳେ କୂଳେ ଦୀର୍ଘପଥ ଅତିକ୍ରାନ୍ତ କରି ବ୍ରହ୍ମଗିରି ଅଲାରନାଥ ପୀଠରେ ପହଞ୍ଚିଥିଲେ। ମହାପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ସେ ଏତେ ଭାବବିହ୍ୱଳ ହୋଇପଡ଼ିଥିଲେ ଯେ, ସେ ସାଷ୍ଟାଙ୍ଗ ଦଣ୍ଡବତ ହୋଇ ପ୍ରଣିପାତ କରୁଥିବା ସମୟରେ ତାଙ୍କ ଦେହରୁ ଉତ୍ତାପ ବାହାରି ପଥର ଖଣ୍ଡ ତରଳି ଯାଇ ଶ୍ରୀଚୈତନ୍ୟଙ୍କ ରୂପ ସମ ହୋଇଯାଇଥିଲା। ଏବେ ବି ଏହି ପଥର ମନ୍ଦିର ପରିସରରେ ଚୈତନ ପଥର ନାମରେ ନାମିତ ହୋଇ ପୂଜା ପାଇଛି। ଯାହା ଗୌଡ଼ୀୟ ସମ୍ପ୍ରଦାୟ ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଅଣସର ସମୟରେ ସେମାନେ ପୀଠକୁ ଆସି ନାମ ସଂକୀର୍ତ୍ତନ କରିଥାନ୍ତି।

> ଭକ୍ତିର ଶକ୍ତି ଅଧିକ। ଯାହା ପଥରକୁ ବି ତରଳାଇ ଦେଇଥାଏ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମଗିରି ଅଲାରନାଥ ପୀଠରେ। ଏହି ପୀଠରେ ପୂଜା ପାଉଛନ୍ତି ବିଷ୍ଣୁଙ୍କ ଚତୁର୍ଦ୍ଧାମୂର୍ତ୍ତି। ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନେ ଦେବସ୍ନାନ ପୂର୍ଣ୍ଣମୀ ପରେ ଜ୍ୱରରେ ପଡ଼ିବା ଯୋଗୁଁ ଅଲାରନାଥ ପୀଠରେ ଅଣସର ଦର୍ଶନ ଚାଲିଥାଏ। ଦର୍ଶନ ପାଇଁ ବିଭିନ୍ନ ପ୍ରାନ୍ତରୁ ଭକ୍ତ ଛୁଟିଆସନ୍ତି। କିମ୍ବଦନ୍ତୀ କୁହେ ଶ୍ରୀଚୈତନ୍ୟଙ୍କ ଆଗମନ ପରେ ଏହି ପୀଠ ବିଷ୍ଣୁପ୍ରେମୀଙ୍କ ପାଇଁ ବେଶ ଆଦୃତ ହୋଇ ପାରିଥିଲା।

♥ ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
(ମୋ): ୭୪୮୮୯୯୮୫୩୨

|| ଆତ୍ମଜୀବନୀ ||

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୩୨)

### କଲେଜ ଜୀବନ..(ଘ)

### ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ

ଅର୍ଥନୀତିରେ ସମ୍ମାନ ସହିତ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ମୋ ସହିତ ମୋ ପରିବାର ଓ ବନ୍ଧୁବାନ୍ଧବ ସମସ୍ତେ ଆନନ୍ଦରେ ବିହ୍ୱଳିତ ହୋଇ ପଡିଲେ । ମୁଁ ଅଧିକ ଅଧ୍ୟୟନ ସଂପର୍କରେ ଚିନ୍ତା କରୁଥିଲି । କିନ୍ତୁ, ବାପାଙ୍କର ଖୁସିହେବାର କାରଣ ହେଲାଯେ ତାଙ୍କର ଏକମାତ୍ର ପୁଅ ରୋଜଗାରକ୍ଷମ ହେଲାଣି। ଯେ କୌଣସି କ୍ଷେତ୍ରରେ ନିଜକୁ ନୟୋଜିତ କରିପାରିଲେ ଏପରିକି ଶିକ୍ଷକତାକୁବି ଜୀବନର ବୃତ୍ତିଭାବରେ ଗ୍ରହଣ କରିନେଲେ ତାଙ୍କ ମସ୍ତକ ଉପରେ ଥିବା ଆର୍ଥିକ ବୋଝ ହାଲୁକା ହୋଇଯିବ । ସେଥିପାଇଁ ଆମ ଗ୍ରାମ ସନ୍ନିକଟରେ ଥିବା ବିଦ୍ୟାଳୟମାନଙ୍କରେ ଶୂନ୍ୟ ରହିଥିବା ଶିକ୍ଷକ ପଦରେ ନିଯୁକ୍ତି ନିମନ୍ତେ କୌଣସି ପ୍ରସ୍ତାବ ଆସିଲେ , ବାପା ସଙ୍ଗେସଙ୍ଗେ ମୋ ମତ ଲୋଡୁଥିଲେ । ମୋ 'ହଁ'କହିବା ଉପରେ ତାଙ୍କର କର୍ମକ୍ଳାନ୍ତ ଜୀବନର ଅନ୍ତ ହେବାର ସୂଚନା ନିହିତ ଥିଲା ।

ମୁଁ ସ୍ୱୀକୃତି ଦେଉନଥିଲି କି ପ୍ରସ୍ତାବକୁ ଅସ୍ୱିକାରବି କରୁନଥିଲି । କେବଳ କହୁଥିଲି,'ମୋତେ ମନ ସ୍ଥିର କରିବାକୁ କିଛି ସମୟ ଦିଅ ।' ଦିନ ବିତିବା ସହିତ ତାଙ୍କ ମନର ଆଶା କ୍ରମଶଃ ମଉଳି ଯାଉଥିଲା ।

ମୋ ମନରେ ଦ୍ୱନ୍ଦ ଥିଲା ଏଇଥିପାଇଁ ଯେ ପ୍ରକୃତରେ ଜଣେ ଅଧାପକ ହେବାପାଇଁ ମୋର ଏକ ଆଜନ୍ମ ପୋଷିତ ଆକାଂକ୍ଷା ପୂରଣ କରିବାପାଇଁ ସୁଯୋଗ ଏବେ ଉପସ୍ଥିତ ହୋଇଛି। ତାକୁ ମୁଁ ହାତଛଡା କରିବାକୁ ଚାହୁଁ ନଥିଲି । କିନ୍ତୁ , ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନର ସୁଯୋଗ ନମିଳିଲେ ମୋତେ ବିଦ୍ୟାଳୟରେ ଶିକ୍ଷକ ହେବାକୁହିଁ ପଡିବ । ତେଣୁ,ଦୁଇଟି ସୁଯୋଗରୁ ଯେକୌଣସି ଗୋଟିକୁ ଗ୍ରହଣ କରିବା ନିମନ୍ତେ ମନକୁ ପ୍ରସ୍ତୁତକରି ଆବେଦନକଲି ରେଭେନ୍ସା ମହାବିଦ୍ୟାଳୟକୁ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀରେ ଓ ଅନୁଗୋଳ ବି.ଇଡି ମହାବିଦ୍ୟାଳୟକୁ ବି.ଇଡି ଅଧ୍ୟୟନ ନିମନ୍ତେ । ମୁଁ ମୋ ମନ ସ୍ଥିର କରିସାରିଛି ଜାଣି ବାପା ଖୁସିହେଲେ ।

ଦିନେ ସନ୍ଧ୍ୟାରେ ମୁଁ , ଦାଦି,ମାଆ ଓ ବାପା ଆମଘରେ ବସିଲୁ ମୁଁ କେଉଁଠି ଅଧ୍ୟୟନ କରିବି.- ସେ ସଂପର୍କରେ ଶେଷ ସିଦ୍ଧାନ୍ତ ଗ୍ରହଣ କରିବାପାଇଁ। ବାପାଙ୍କର ଜିଦ୍ ମୁଁ ଅନୁଗୋଳରେ ବି.ଇଡି.ପଢେ । ମାଆ ଚିହିଁକି ଉଠିଲେ । ଅନୁଗୋଳ କେଉଁଠି ସେ ଜାଣିନଥିଲେ କି ସେ ସ୍ଥାନ ସଂପର୍କରେ ସେ କେବେବି ଶୁଣି ନଥିଲେ । ଏତିକିବେଳେ ମୁଁ କହିଲିଯେ ସେଇ ଅନୁଗୋଳ ପାଖ ରନ୍ତୁଲେଇରେ 'ନେପାଳୀ ବାବା'ଙ୍କ ଆବିର୍ଭାବ ହୋଇଥିଲା । ବିଭିନ୍ନରୋଗରୁ ତ୍ରାହିପାଇବା ନିମନ୍ତେ ସେ 'ହୁକୁମ ଔଷଧ' ବିତରଣ କରୁଥିଲେ । ହଜାର ହଜାର ଲୋକଙ୍କ ସମାଗମ ହେବାରୁ ଖାଦ୍ୟ,ପାନୀୟଜଳର ସମସ୍ୟା ଏବଂ ଅସ୍ଥାୟୀ ବାସସ୍ଥାନର ଅଭାବ ତଥା ଖୋଲାସ୍ଥାନରେ ମଳତ୍ୟାଗଯୋଗୁଁ ହଇଜା ବ୍ୟାପିଲା। ଶହଶହ ଲୋକ ମୃତ୍ୟୁବରଣ କଲେ। ଆମ ନିକଟବର୍ତ୍ତୀ ଏକ ଗାଆଁର ଜଣେଲୋକ ସେଇଠି ପ୍ରାଣ ହରାଇଥିବାରୁ ମାଆ ଅନୁଗୋଳରେ ପଢିବାପାଇଁ ସମ୍ମତ ହେଲେନି ।

ଅପରପକ୍ଷରେ, ସେ 'କଟକ'ନାଆଁ ଶୁଣିଥିଲେ। ସେଠାରେ ଥିବା 'କଲେଜ'କୁ ଆମ ଗାଆଁରୁ ମଝିରେ ମଝିରେ ଲୋକେ ଯାଆନ୍ତି । ସେମାନଙ୍କ ମାଧ୍ୟମରେ ସେ ମୋ ଭଲମନ୍ଦ ଖବର ପାଇପାରିବେ।

ଆପଣମାନେ ଭାବୁଥିବେ ଯେ କଟକ କଲେଜରେ ଅଧ୍ୟୟନ କରୁଥିବା ଆମଗାଆଁର ଛାତ୍ରମାନଙ୍କର ଆତ୍ମୀୟମାନେ ସେମାନଙ୍କ ପାଖକୁ ଯାଉଥିବେ ବୋଲି । ନା, ସେକଥା ନୁହେଁ । ସେତେବେଳେ କଲେଜ କହିଲେ କଟକ ମେଡିକାଲ କଲେଜ ଓ ହସ୍ ପିଟାଲକୁ ସାଧାରଣଲୋକେ 'କଲେଜ' ବୋଲି କହୁଥିଲେ। ସେଠାରେ ଚିକିତ୍ସିତ ହେବାପାଇଁ କ୍ୱଚିତ୍ ଗାଆଁରୁ ରୋଗୀ ଯାଉଥିଲେ । ସେ ଯାହେଉ, ମାଆଙ୍କର ଅଜ୍ଞତା, ସରଳତା ଏବଂ ମୋର ନିରାପତ୍ତା ପାଇଁ ଅତ୍ୟଧିକ ସତର୍କତା ବା ପୁତ୍ରପ୍ରତି ମୋହ ପରୋକ୍ଷରେ ମୋପାଇଁ ବରଦାନ ସଦୃଶ ହେଲା। ଦୁଇଟିରୁ- ଅନୁଗୋଳରେ ଅଧ୍ୟୟନ କରିବାର ପ୍ରସ୍ତାବ ନାକଚ ହୋଇଗଲା ମାଆଙ୍କର ବିଶେଷ ଅଧିକାର ବା 'ଭିଟୋ'ପ୍ରୟୋଗ ଯୋଗୁଁ । ତେଣୁ, ପରିଶେଷରେ ମୁଁ ୧୯୬୪ ମସିହା ମେ/ ଜୁନ ମାସରେ କଟକ ରେଭେନ୍ସା ମହାବିଦ୍ୟାଳୟରେ ପଞ୍ଚମବର୍ଷ ଅର୍ଥନୀତି ସ୍ନାତକୋତ୍ତର ଶ୍ରେଣୀରେ ଭର୍ତ୍ତି ହେଲି। ମୁଁ ହେଲି ଜଣେ ରେଭେନ୍ସାଭିଆନ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଅଧୁନା ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆ ଅସ୍ମିତାର ଛାପ



ଉଦୀପ୍ତ ନାରାୟଣ ସାହୁ



ସମଗ୍ର ଦେଶର ସାଂସ୍କୃତିକ ତଥା ପାରମ୍ପରିକ ବ୍ୟବସ୍ଥାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ଓଡ଼ିଶାର ମହାନ ସଂସ୍କୃତି ସାମୁହିକ ମାନବିକ ଚେତନାର ମିଳନ ସ୍ଥଳୀ; ଯାହା ଅଧୁନା ସମାଜର ଭାଷାରେ ସାମାଜିକ ସମରସତାକୁ ବୁଝାଏ। ଓଡ଼ିଶାର କଳା ବିଶ୍ୱର ସବୁଠାରୁ ଉତ୍କୃଷ୍ଟ ମାନର ଅଟେ, ଏଣୁ ଉତ୍କୃଷ୍ଟ କଳାର ଦେଶ ହୋଇଥିବାରୁ ଏହାକୁ ଉତ୍କଳ କୁହାଯାଏ। ଓଡ଼ିଶାର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଏସବୁ କୌଣସିଟିର ଚିହ୍ନବର୍ଣ୍ଣ ଦେଖିବାକୁ ମିଳେନାହିଁ। ଜାତିର ଗୌରବ ମଧୁସୂଦନ କହିଛନ୍ତି ଯେ ଜାତିର ଉନ୍ନତି ପାଇଁ ଜାତିର ଗୌରବମୟ ଇତିହାସ ଉପରେ ଭବିଷ୍ୟତ ପିଢିମାନେ ଗଭୀରଭାବରେ ଦୃଷ୍ଟି ଦେବା ସହ ଅଧୁନା ସମୟସ୍ରୋତ ସହିତ ତାଳ ଦେଇ କିପରି ଜାତିର ମଙ୍ଗଳ କରାଯାଇପାରିବ ସେ ବିଷୟରେ ଅନୁଶୀଳନ ଓ ଅନୁସନ୍ଧାନ କରାଯିବା ଆବଶ୍ୟକ। କୌଣସି ଦେଶ ବା ସମାଜ ଯଦି ଅଗ୍ରଗତି କରିଥାଏ ତାହେଲେ ସେସବୁର ମୂଳରେ ଥାଏ ସମାଜ ଓ ସମୟର ଅନୁକୂଳରେ ଯୁଗୋପଯୋଗୀ ଶିକ୍ଷା ବ୍ୟବସ୍ଥା ଓ ବ୍ୟବସ୍ଥାର ସାମଗ୍ରିକ କାର୍ଯ୍ୟପଦ୍ଧତି ତଥା ବ୍ୟବସ୍ଥିତ କ୍ରିୟାନ୍ୱୟନ। ବର୍ତ୍ତମାନ ଓଡ଼ିଶାରେ ଓଡ଼ିଆ ଅସ୍ମିତାର ବିଷୟ ଜନମାନସରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି। ଜାତିର ଅସ୍ମିତା ଜାତୀୟ ଜୀବନର ପ୍ରାଣକେନ୍ଦ୍ର। ଏଣୁ ଏଥିରୁ ସ୍ପଷ୍ଟ ବାରି ହୁଏ ଯେ ଅଧୁନା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଓଡ଼ିଆ ଅସ୍ମିତା, ସ୍ୱାଭିମାନ ର ଅନୁକୂଳ ଦିଗରେ ବୋଧ ହୁଏ ରାଜ୍ୟର ଉତ୍ତର ପିଢିମାନଙ୍କୁ ସଠିକ୍ ଶିକ୍ଷା ଦେଇପାରିନାହିଁ। ଓଡ଼ିଆ ଶିକ୍ଷା ବ୍ୟବସ୍ଥାରେ ବିଦେଶୀ ବିଚାରକୁ ଅଧିକ ଗୁରୁତ୍ୱ ମିଳିଛି। କୋମଳମତି ବିଦ୍ୟାର୍ଥୀ ମାନଙ୍କ ମନରେ ରାଷ୍ଟ୍ରୀୟ ବିଚାର ଓ ଓଡ଼ିଆ ସ୍ୱାଭିମାନର ଚେତନା ଜାଗରଣ ପାଇଁ ବିଶେଷ କିଛି ବ୍ୟବସ୍ଥା ନାହିଁ। ଆମେ ଓଡ଼ିଶାରେ ଆମ ଭାଷା ସାହିତ୍ୟ ଶିକ୍ଷାର ମୂଳ ବିନ୍ଦୁ ଯାହା ଦଶକ ଦଶକ ଧରି ଓଡ଼ିଶାରେ ବିଦ୍ୟାର୍ଥୀ ମାନଙ୍କର ଓଡ଼ିଆ ଶିକ୍ଷାର ଭିତ୍ତି ସଦୃଶ ଓଡ଼ିଆ ବର୍ଣ୍ଣବୋଧକୁ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିପାରିନାହାଁନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆ ଅସ୍ମିତା ର ପର୍ଯ୍ୟାୟବାଚୀ ଓଡ଼ିଆ ଭାଗବତ, ଲକ୍ଷ୍ମୀପୁରାଣକୁ ବିଷୟ ଅନ୍ତର୍ଭୁକ୍ତ କରିପାରିନାହାନ୍ତି। ଅଳ୍ପ କେତେକ ଶ୍ରେଣୀରେ ଏସବୁ କିଛି ମହାନ ଗ୍ରନ୍ଥର କିଛି ଅଂଶ ସ୍ଥାନ ପାଇଛି। ଓଡ଼ିଶାର ଇତିହାସ ବିଷୟକୁ ଦେଖିଲେ ଓଡ଼ିଆ ଶିକ୍ଷା ବ୍ୟବସ୍ଥାରେ ଆମେ ଓଡ଼ିଆ ମାନଙ୍କ ବୀରତ୍ୱର କାହାଣୀ ଖୋଜିବା ବୃଥା। ଆମ ରାଜ୍ୟର ପାଠ୍ୟକ୍ରମ ରେ ଏସବୁ ବିଷୟକୁ ଆମେ ବହିର୍ଭୁତ କରିଛୁ। ତେଣୁ ଆମ ରାଜ୍ୟର ବିଦ୍ୟାର୍ଥୀ ମାନେ ଜାତିର ସ୍ୱାଭିମାନ ଓ ଅସ୍ମିତାର ଅନୁକୂଳରେ ଶିକ୍ଷା ଗ୍ରହଣ କରୁଛନ୍ତି କି ? ଏହା ଓଡ଼ିଆ ଜନ ମାନସରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଆ ଶିକ୍ଷା ବ୍ୟବସ୍ଥାରେ ସ୍କୁଲରେ ରଙ୍ଗ ବୋଳି ସ୍ମାର୍ଟ କମ୍ପ୍ୟୁଟର ଦେଲେ ଶିକ୍ଷାର ମାନ ବଢେ ନାହିଁ। ଏଥିପାଇଁ ଶିକ୍ଷକ, ବିଦ୍ୟାର୍ଥୀ ଓ ବିଦ୍ୟାର୍ଥୀର ପରିବାର ର ସାମୁହିକ ଓ ସାମଗ୍ରିକ ସମର୍ଥନ ଓ ଯୋଗାଣ ଆବଶ୍ୟକ। ରାଜ୍ୟର ଅନେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଯେତେ ସିଟ ରହିଛି, ତାହା ପୂରଣ ହୋଇପାରୁନାହିଁ। ଗତ ବର୍ଷ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଡ଼ମିଶନ ନେବାପାଇଁ ଦୁଇ ଦୁଇଥର ବ୍ୟବସ୍ଥା ସତ୍ତ୍ୱେ ସିଟ ପୂରଣ ହୋଇପାରିଲା ନାହିଁ। ଏଥିରୁ ସ୍ପଷ୍ଟ ବାରି ହୁଏ ଯେ ଓଡ଼ିଆ ବିଦ୍ୟାର୍ଥୀମାନେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଲାଭ କରିବାକୁ ଇଚ୍ଛୁକ ନୁହେଁ ଅଥବା ବିଦ୍ୟାର୍ଥୀ ମାନେ ଉଚ୍ଚ ଶିକ୍ଷା ଗ୍ରହଣ କରିବାକୁ ଚାହୁଁନାହାନ୍ତି। ଉଚ୍ଚଶିକ୍ଷାରେ ବିଜ୍ଞାନ ଶିକ୍ଷା ପାଇଁ ରାଜ୍ୟରେ ଗବେଷଣାତ୍ମକ ଜ୍ଞାନ ପାଇଁ ଆବଶ୍ୟକୀୟ ବିଜ୍ଞାନାଗାର ଓ ଉଚ୍ଚମାନର ଅତ୍ୟାଧୁନିକ କୌଶଳ ଯୁକ୍ତ ବ୍ୟବସ୍ଥା ର ଅଭାବ ରହିଛି। ବିଜ୍ଞାନର ବିଦ୍ୟାର୍ଥୀ ମାନଙ୍କୁ ଉଚ୍ଚ ଶିକ୍ଷାରେ ପ୍ରୟୋଗାତ୍ମକ ଜ୍ଞାନ ପାଇଁ କୌଣସି ବ୍ୟବସ୍ଥା ରଖାଯାଇନାହିଁ। ଏସବୁ ବିଷୟରେ ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ। ରାଜ୍ୟର ମହାନ ଜ୍ୟୋତିର୍ବିଜ୍ଞାନୀ ପଠାଣିସାମନ୍ତ ଙ୍କ ମହାନ ଶାସ୍ତ୍ର 'ସିଦ୍ଧାନ୍ତ ଦର୍ପଣ' ରେ ମହାକାଶ ବିଜ୍ଞାନ, କାଳ ଗଣନା ଠାରୁ ଆରମ୍ଭକରି ଅନେକ ଉଚ୍ଚକୋଟିର ବୈଜ୍ଞାନିକ ସିଦ୍ଧାନ୍ତ ପ୍ରତିପାଦିତ ହୋଇଛି। ଅନେକ ଅଣଓଡ଼ିଆ ଏହା ଉପରେ ବିଶେଷ ଗବେଷଣା କରିଥିଲେ ମଧ୍ୟ ଓଡ଼ିଆ ଉଚ୍ଚ ଶିକ୍ଷାରେ ବା ଗବେଷଣାତ୍ମକ ବିଭାଗରେ ଏହାକୁ ବିଶେଷ ସ୍ଥାନ ମିଳିପାରିନାହିଁ। ସଂସ୍କୃତ ସାହିତ୍ୟର ମହାନ ରଚନା ଶ୍ରୀଜୟଦେବଙ୍କ ବିରଚିତ ଗୀତଗୋବିନ୍ଦ, ଯାହାର ନାଟକୀୟତା ବିଶ୍ୱପ୍ରାଣକୁ ଆନ୍ଦୋଳିତ କରେ। ଏପରି ମହାନ କୃତି କୁ ମଧ୍ୟ ଆମେ ଓଡ଼ିଆ ଶିକ୍ଷା ବ୍ୟବସ୍ଥାରେ ସଠିକ୍ ସ୍ଥାନ ଦେଇପାରିନାହାନ୍ତି। ଓଡ଼ିଶାରେ ଥିବା ପାରମ୍ପରିକ କ୍ଷୁଦ୍ରଉଦ୍ୟୋଗ ସୃଷ୍ଟି କରିପାରୁଥିବା ତନ୍ତ ବୁଣିବା, କୋଣାର୍କର କାରୁକାର୍ଯ୍ୟ ଶୈଳୀ, ପାଇକ ମାନଙ୍କ ରଣ କୌଶଳ ଏ ସବୁକୁ ଓଡିଶା ଶିକ୍ଷା ବ୍ୟବସ୍ଥାରୁ ଅନେକ ଦୂରରେ ରଖାଯାଇଛି। ଏଣୁ ଏସବୁର ଶିକ୍ଷା ମିଳିପାରିଲେ ରାଜ୍ୟରେ ଶିକ୍ଷାବ୍ୟବସ୍ଥା ସହ ଆମର ମହାନ ସଂସ୍କୃତି ବିଷୟରେ ବିଦ୍ୟାର୍ଥୀ ମାନଙ୍କର ଧାରଣା ବଦଳିବା ସହ ଭବିଷ୍ୟତରେ ସେମାନଙ୍କୁ କ୍ଷୁଦ୍ର ଶିଳ୍ପ ଗଠନରେ ସହାୟକ ହୋଇପାରିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଭୂଗୋଳ ପଠନରେ ରାଜ୍ୟର ଭୌଗଳିକ ସ୍ଥିତି ବିଷୟରେ ବିଶେଷ ଆଲୋଚନା ହୋଇପାରିନାହିଁ। ଓଡ଼ିଶା ଏକ ବନ୍ୟା ପ୍ରବଣ ରାଜ୍ୟ ହୋଇଥିଲେ ମଧ୍ୟ ବିପର୍ଯ୍ୟୟ ମୁକାବିଲା ବିଷୟରେ ମାଧ୍ୟମିକ ଶିକ୍ଷାରେ ଅଳ୍ପ କିଛି ମାତ୍ର ବିଷୟ ରହିଛି। ଓଡ଼ିଶାର ନୃତ୍ୟ କଳା, ଲୋକ ନୃତ୍ୟ, ଚିତ୍ରକଳା, କିଛି ବିଶେଷ ଓଡ଼ିଆ ବାଦ୍ୟଯନ୍ତ୍ର ଏସବୁର ପ୍ରଶିକ୍ଷଣ ପାଇଁ କୌଣସି ଲୋକପ୍ରିୟ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନା ହୋଇପାରିନାହିଁ। ଘୋଡ଼ା ନାଚ ଠାରୁ ଦଣ୍ଡନାଚ ଯାଏଁ, ଓଡ଼ିଶୀ ଠାରୁ ଆରମ୍ଭ କରି ଗୀତିନାଟ୍ୟ ପର୍ଯ୍ୟନ୍ତ, ଦାସକାଠିଆ ଠାରୁ ପାଲା ପର୍ଯ୍ୟନ୍ତ ଏ ସମସ୍ତ ଜିନିଷ ଓଡ଼ିଆ ସଂସ୍କାର, ସଂସ୍କୃତି, ପରମ୍ପରା, ଇତିହାସର ମୁକସାକ୍ଷୀ ତଥା ସ୍ୱାଭିମାନର ପ୍ରାଣକେନ୍ଦ୍ର। ଏଣୁ ଏସମସ୍ତ ବିଷୟକୁ ଶିକ୍ଷା ବ୍ୟବସ୍ଥା ସହ କିଭଳି ସଂଯୋଜିତ କରାଯାଇ ଏକ ନୂତନ ସମନ୍ୱିତ ଶିକ୍ଷା ବ୍ୟବସ୍ଥା ଗଠନ କରାଯାଇପାରିବ ସେ ଦିଗରେ ବିଶେଷ ଭାବରେ ଚିନ୍ତନ କରିବା ଆବଶ୍ୟକ। ରାଜ୍ୟର ଶିକ୍ଷା ବ୍ୟବସ୍ଥା କୁ ସାମଗ୍ରିକ ଭାବରେ ଦେଖିବାକୁ ଗଲେ ଆମେ ଶିକ୍ଷା ରେ କେବଳ ଅର୍ଥଉପାର୍ଜନ ପାଇଁ ବା ଚାକିରୀ କରିବା ପାଇଁ ପାଠ ପଢ଼ାଇବାର ବ୍ୟବସ୍ଥା ରହିଛି। ଜଣେ ବିଦ୍ୟାର୍ଥୀର ଚାରିତ୍ରିକ ତଥା ସର୍ବାଙ୍ଗୀନ ବିକାଶ ପାଇଁ ଆମେ ଶିକ୍ଷା ବ୍ୟବସ୍ଥା ରେ କୌଣସି ସୁଧାର ଆଣିପାରିନାହାନ୍ତି। ରାଜ୍ୟର ବ୍ୟବସ୍ଥାରେ ଆମେ ଗୁଣାତ୍ମକ ଶିକ୍ଷାଦାନ ର କଥା କହୁଥିବା ବେଳେ ଶିକ୍ଷାରେ ଗୁଣାତ୍ମକତା କୁ ବୁଝିବା ଭଳି ଲୋକ ବ୍ୟବସ୍ଥାରେ ନାହାନ୍ତି। ଜାତିର ସ୍ୱାଭିମାନର ଅନୁକୂଳରେ ପ୍ରରୋଚିତ ଶିକ୍ଷା ବ୍ୟବସ୍ଥାରେ ଜାତିର 'ସ୍ୱ' ଭାବନାକୁ ସମାଜର ଉତ୍ତର ପିଢ଼ି ବା ଭବିଷ୍ୟତର ନାଗରିକ ମାନଙ୍କ ସାମ୍ନାରେ ସଠିକ ଢଙ୍ଗରେ ଉପସ୍ଥାପନା କରିବାକୁ ହେବ। ବିଦ୍ୟାର୍ଥୀ ମାନଙ୍କର ସାମଗ୍ରିକ ବିକାଶ ପାଇଁ ଶିକ୍ଷା ସହିତ ସଂସ୍କାରର ଗୋଟିଏ ପ୍ରମୁଖ ଭୂମିକା ରହିଛି। ସଂସ୍କାର ବିହୀନ ଶିକ୍ଷା ହେଉଛି ଜ୍ଞାନ ବିହୀନ ଶକ୍ତି ପରି। ଜ୍ଞାନ ଏବଂ ଶକ୍ତି ଜଣେ ଜଣଙ୍କର ପରିପୂରକ। ଶକ୍ତିବିହୀନ ଜ୍ଞାନର ପ୍ରୟୋଗାତ୍ମକ ସ୍ଥିତି ଠିକ୍ ନଥାଏ ଓ ଜ୍ଞାନବିହୀନ ଶକ୍ତି ପ୍ରାୟତଃ ଭୟଙ୍କରୀ ହୋଇଥାଏ। ଏଣୁ ବ୍ୟକ୍ତି ମଧ୍ୟରେ ପୂର୍ଣ୍ଣତା ଆସିବା ପାଇଁ ଜ୍ଞାନ ଏବଂ ଶକ୍ତି ଉଭୟ ଦୁଇଟିର ଆବଶ୍ୟକତା ଅନିବାର୍ଯ୍ୟ। ସର୍ବୋପରି ମାତୃଭାଷା ଓଡ଼ିଆକୁ ପ୍ରାଥମିକ ଶ୍ରେଣୀରୁ ଆରମ୍ଭକରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଯଥୋଚିତ ମାନ୍ୟତା ଦିଆନଗଲେ ଆମ ପିଲା ମାନଙ୍କର ଜ୍ଞାନାତ୍ମକ ଓ କୌଶଳଗତ ବିକାଶ ହୋଇପାରିବ ନାହିଁ। ଶିକ୍ଷା ଆମର ଭାବାତ୍ମକ ବିକାଶ କରିନପାରିଲେ ଓଡ଼ିଆ ଅସ୍ମିତା ଏକ ସ୍ଲୋଗାନ ମଧ୍ୟରେ ସୀମିତ ହୋଇ ରହିଯିବ। ଏଣୁ ବ୍ୟକ୍ତିମଧ୍ୟରେ ପୂର୍ଣ୍ଣତା ପାଇଁ ଜ୍ଞାନ ସହିତ ସ୍ୱାଭିମାନଯୁକ୍ତ, ସାମର୍ଥ୍ୟପୂର୍ଣ୍ଣ ଅନ୍ତଃକରଣର ଆହ୍ୱାନ ଅନିବାର୍ଯ୍ୟ ଅଟେ।

♥ ସ୍ନାତକ(ପଦାର୍ଥବିଜ୍ଞାନ)
ବେଲବାହାଲୀ,
ଆନନ୍ଦପୁର, କେନ୍ଦୁଝର

# ଖୋର୍ଦ୍ଧା ଜିଲ୍ଲାରେ ଜାଗୁଲାଇ ପାଟଣାର ରଥଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା , ୨୯/୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ ଜାଗୁଲାଇ ପାଟଣା ରଥଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ, ଖୋର୍ଦ୍ଧା ଙ୍କ ସମ୍ମିଳନୀ କକ୍ଷରେ ଦିନ ୧୧ ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପଜିଲ୍ଲାପାଳ , ଦିପ୍ତି ରଞ୍ଜନ ସେଠୀ ଅଧକ୍ଷତା କରିଥିଲେ । ଏହି ବୈଠକ ରେ ଉପସ୍ଥିତ ସମସ୍ତ ସଦସ୍ୟ ଙ୍କୁ ସ୍ୱାଗତ ଜଣାଇ ଉପଜିଲ୍ଲାପାଳ ପୂର୍ବବର୍ଷ ର ରଥଯାତ୍ରା ରେ ସମ୍ମୁଖୀନ ହୋଇଥିବା ଅସୁବିଧା ମାନଙ୍କ ବିଷୟରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ପୂର୍ବବର୍ଷ ର ପ୍ରସ୍ତୁତି ବୈଠକ ର ବିବରଣୀ କୁ ପାଠ କରଯାଇ କାର୍ଯସୂଚୀ ଅନୁସାରେ ବୈଠକ ଚାଲୁ ରହିଥିଲା । ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରଥମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ସ୍ବଚ୍ଛଭାରତ ଯୋଗାଇଦେବାକୁ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଡଯଜ ଙ୍କୁ ୨ ଟ୍ୟାଙ୍କର ଯୋଗାଇ ଦେବାକୁ ଅନୁରୋଧ କରାଗଲା । ସ୍ୱଚ୍ଛତା ପାଇଁ ସରପଞ୍ଚ ଙ୍କୁ ଦାୟିତ୍ୱ ଦିଆଗଲା । ସ୍ୱାସ୍ଥ୍ୟ ବିଭାଗ କୁ ଫାଷ୍ଟ ଏଡ ସାହାଯ୍ୟ ଏବଂ ଏମ୍ବୁଲେନ୍ସ ଯୋଗାଇ ଦେବାକୁ ଅନୁରୋଧ କରାଗଲା । ରଥ କାରୁକାର୍ଯ୍ୟ ନିମ୍ନ ମାନ ର ହୋଇଥିବାରୁ ଚଡଉ ଙ୍କୁ ଟେଷ୍ଟ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟୁତ ବିଭାଗ / ଅଗ୍ନିଶମ ବିଭାଗ ଙ୍କୁ ଦୁର୍ଘଟଣା ଏଡାଇବା ପାଇଁ ସଜାଗ ରହିବାକୁ ଅନୁରୋଧ କରାଗଲା। ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ଡିପାର୍ଟମେଣ୍ଟ ଙ୍କୁ ଅନୁରୋଧ କରାଗଲା । ସ୍ୱେଚ୍ଛାସେବୀ ଯୋଗାଇଦେବାକୁ ପି.ଏନ କଲେଜ କୁ ଅନୁରୋଧ କରାଯାଇଥିଲା । ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍କାଉଟ ଗାଇଡ ଯୋଗାଇ ଦେବାକୁ ଅନୁରୋଧ କରାଗଲା । ସଭାରେ ଆଶୁତୋଷ ମହାନ୍ତି ଟଐରଟ, ବି.ଡି.ଓ ଖୋର୍ଦ୍ଧା କ୍ଷୀରାବ୍ଧି ତନୟା ସାହୁ , ହସ୍ପିଟାଲ ମ୍ୟାନେଜର ଡଃ.ବିନୟ ପାଣିଗ୍ରାହୀ , ବ୍ଲକ ଅଧକ୍ଷ୍ୟା ଶ୍ରୀମୟୀ ପ୍ରିୟଦର୍ଶିନୀ , ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇ ସଭା ସାଙ୍ଗ କରାଗଲା ।

# ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ବାସୁଦେବପୁର, ୨୯/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତି ଲତା ପଣ୍ଡା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ମହା ପ୍ରସାଦ ସ୍ୱାମୀ, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ତପନ କୁମାର ଦ୍ୱିବେଦୀ, କମଳା କାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୋଗ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମିନତୀ ପଣ୍ଡା, ଦୟାନିଧି ପଲେଇ, ଆରତି ଧର, ରାଜେଶ ପ୍ରଧାନ, ଭାନୁମତୀ ଶଙ୍ଖୁଆ, ଆରତୀ ଲତା ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଧାନ ଶିକ୍ଷୟତ୍ରୀଙ୍କୁ ତାଲାମାରି ଅଟକ ରଖିଲେ ଗ୍ରାମବାସୀ



ନୀଳଗିରି, ୨୯/୬ (ନି.ପ୍ର): ବିଦ୍ୟାଳୟ ପରିସର ଏବଂ ଶ୍ରେଣୀକକ୍ଷର ଅସ୍ୱସ୍ତିକର ପରିବେଶକୁ ନେଇ ଜଣେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ତାଲାମାରି ଅଟକ ରଖାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଗ୍ରୀଷ୍ମ ଛୁଟି ଅବକାଶ ପରେ, ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳଖୁଣ୍ଟା ପ୍ରାଥମିକ ବିଦ୍ୟାଳୟ ପରିସରଟି ଅପରିଷ୍କାର ରହିବା ସହିତ ସଫାସୁତରା ନହେବା ଏବଂ ବିଦ୍ୟାଳୟ ହତା ଭିତରେ ବାଲି ଠୁଳ ହେବାନେଇ ଆଜି ଗ୍ରାମବାସୀ ଏବଂ ଅଭିଭାବକ ମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବାହାରୁ ତାଲା ମାରି ରଖି ଥିଲେ। ଅଭିଭାବକଙ୍କ କହିବା ଅନୁଯାୟୀ ,ବିଦ୍ୟାଳୟ ପରିସର ଅପରିଷ୍କାର ସହ ବିଭିନ୍ନ ସ୍ଥାନରେ ଲୁହା ରଡ ବାହାରିଥିବା , ବିଦ୍ୟାଳୟ ପାଣିଟାଙ୍କି ସଫା ନହୋଇ ଦୁର୍ଗନ୍ଧ ବାହାରୁଥିବା, ହତା ଭିତରେ ବାହାର ବ୍ୟକ୍ତିଙ୍କ ଦ୍ୱାରା ନଦୀବାଲି ଜମା କରାଯାଇଥିବା ଆଦି ବିଭିନ୍ନ ସମସ୍ୟା ସହିତ ପିଲା ମାନଙ୍କର ସୁରକ୍ଷା ନେଇ ଆଶଙ୍କା ଥିବାରୁ, ପ୍ରଧାନ ଶିକ୍ଷୟତ୍ରୀଙ୍କୁ ତାଲା ମାରି ରଖିଛନ୍ତି। ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ତାଲା ମାରି ରଖାଯିବ ବୋଲି କହିଛନ୍ତି ।ତେବେ ପ୍ରଧାନଶିକ୍ଷୟତ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ସପ୍ତାହରେ ଗ୍ରୀଷ୍ମଛୁଟି ଖୋଲିବା ପୂର୍ବରୁ ସେ ନିଜେ ଆସି ବିଦ୍ୟାଳୟ ପରିସର ଏବଂ ଶ୍ରେଣୀଗୃହ ପରିଷ୍କାର ପରିଚ୍ଛନ୍ନ କରାଇଥିଲେ। ତେବେ ପ୍ରଧାନଶିକ୍ଷୟତ୍ରୀଙ୍କ ବିନା ଅନୁମତିରେ ବିଦ୍ୟାଳୟର କ୍ୟାମ୍ପସ ଭିତରେ ବାଲି ଠୁଳ କରିଥିବା ଉକ୍ତ ଗ୍ରାମର ଜୈନିକ ବ୍ୟକ୍ତିଙ୍କୁ ଡାକି ତୁରନ୍ତ ବାଲି ହଟାଇବାକୁ କହିଛନ୍ତିଏବଂ ବାକି ରହିଯାଇଥିବା ଡାଳପତ୍ର, ନଟାଝଟା ସଫା କରିବାକୁ ୩ଜଣ ଲୋକ ଲଗାଇଥିବା କହିଛନ୍ତି ପ୍ରଧାନ ଶିକ୍ଷୟତ୍ରୀ। ଘଟଣା ସ୍ଥଳରେ ସିଆରସିସି ପହଞ୍ଚି ଅଭିଭାବକଙ୍କ ସହିତ ଆପୋଷ ଆଲୋଚନା କରିବା ପରେ,ପ୍ରଧାନ ଶିକଷୟିତ୍ରୀ ଙ୍କୁ ଅଭିଭାବକ ମାନେ ଛାଡି ଦେଇଥିବା ସୂଚନା ମିଳିଛି।

# ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜୁଲାଇ ମାସ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ପ୍ରକାଶ

ବାଲେଶ୍ୱର, ୨୯/୬ (ନି.ପ୍ର): ଚଳିତ ବର୍ଷ ସମାପ୍ତ ହୋଇଥିବା ସାଧାରଣ ନିର୍ବାଚନ ପରେ ସମସ୍ତ ଜିଲ୍ଲାରେ ପୁଣିଥରେ ଆରମ୍ଭ ହେବାକୁ ଯାଉଛି ଜନ ଶୁଣାଣି ଶିବିର। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଜୁଲାଇ ମାସର ପ୍ରଥମ ସୋମବାର ୧ ତାରିଖ ସଦର ବ୍ଲକର ଜନସାଧାରଣଙ୍କ ପାଇଁ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ଜୁଲାଇ ମାସ ଦ୍ୱିତୀୟ ସୋମବାର ୦୮ ତାରିଖ ଭୋଗରାଇ ବ୍ଲକ, ତୃତୀୟ ସୋମବାର ୧୫ ତାରିଖ ରେମୁଣା ବ୍ଲକ, ମାସର ଚତୁର୍ଥ ସୋମବାର ୨୨ ତାରିଖ ଔପଦା ବ୍ଲକ ଏବଂ ପଞ୍ଚମ ତଥା ମାସର ଶେଷ ସୋମବାର ଅର୍ଥାତ ୨୯ ତାରିଖ ଦିନ ବସ୍ତା ବ୍ଲକର ଜନସାଧାରଣଙ୍କ ପାଇଁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉପରୋକ୍ତ ବ୍ଲକ ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଜଣାଇ ପାରିବେ ।

# 'ମନା'ର ଅଷ୍ଟମ ବାର୍ଷିକ ସମ୍ମିଳନୀ: ନିଶାମୁକ୍ତ ଓଡ଼ିଶା ପାଇଁ ସରକାରଙ୍କଠାରେ 'ମନା'ର ସର୍ବସମ୍ମତ ଦାବି




ବାଲେଶ୍ୱର, ୨୯/୬ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର'ର ଅଷ୍ଟମ ବାର୍ଷିକ ସମ୍ମିଳନୀ 'ଆତିଥ୍ୟ ଭବନ'ଠାରେ ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଠାରେ ନିଶାମୁକ୍ତ ଓଡ଼ିଶା ଦାବି କରିବା ସହ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ପ୍ରଣୟନ କରିଥିବା ୧୯୫୬ ମସିହା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାକୁ ମତ ରଖିଥିଲେ । ଏଥିସହ ବିଭିନ୍ନ ସଂଗଠନ, ବ୍ୟକ୍ତିବିଶେଷ ଓ ମହିଳାମାନେ ନିଶାଡ଼ିଙ୍କ ବିରୋଧରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା 'ମନା'ର ଉଦ୍ୟମକୁ ପ୍ରଶଂସା କରିଥିଲେ । ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ନିଶା ସମାଜକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାର ନିୟନ୍ତ୍ରଣ ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ ନିଶା ଦ୍ୱାରା ପରିବାର ଉଜୁଡ଼ି ଯାଉଥିବାରୁ ସମ୍ମିଳିତ ଭାବେ ନିଶା ବିରୋଧରେ ଲଢ଼ିବାକୁ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ ନିଶାଗ୍ରସ୍ତଙ୍କୁ ସୁଧାରିବା ଓ ବେଆଇନ ନିଶା କାରବାର ରୋକିବା ଦିଗରେ ପ୍ରଶାସନର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଇମାମୀର ବରିଷ୍ଠ ଲୋକ ସଂପର୍କ ଅଧିକାରୀ ଶ୍ରୀଯୁକ୍ତ ମନୋଜ କୁମାର ପାଢ଼ୀ ବେଆଇନ ନିଶା କାରବାର ବାଲେଶ୍ୱର ପାଇଁ ଚିନ୍ତାର କାରଣ ପାଲଟିଥିବାରୁ ଉଦ୍‌ବେଗ ପ୍ରକଟ କରି 'ମନା'ର ଉଦ୍ୟମକୁ ଇମାମୀ ତରଫରୁ ପ୍ରୋତ୍ସାହିତ କରିବେ ବୋଲି କହିଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର 'ମନା'ର ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଉପଦେଷ୍ଟା ସୁବ୍ରତ କର ସ୍ୱାଗତ ଭାଷଣ ଦେଇଥିଲେ । କୋଷାଧକ୍ଷ ପ୍ରଫୁଲ୍ଲ ଦାସ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲା ବେଳେ ସଂପାଦକ ବେଣୁଧର ସାହୁ ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ପାଠ କରିଥିଲେ । 'ମନା' ମୁଖପତ୍ରର ସଂପାଦକ ଡ. କ୍ଷିତୀଶ୍ୱର ଦାଶ ପତ୍ରିକା ସମ୍ବନ୍ଧରେ ସୂଚନା ଦେଇଥିଲେ । ଉପଦେଷ୍ଟା ଡାକ୍ତର ଶ୍ରୀଶ କୁମାର ଦାଶ, ଅର୍ଚ୍ଚନା ନନ୍ଦୀ (ଉପସଭାପତି), ବ୍ଲକ ସ୍ତରୀୟ କାର୍ଯ୍ୟକର୍ତ୍ତା ଚିତରଞ୍ଜନ ଦାସ, ଭୃଗୁରାମ କର ଓ ଜାମସେଦ୍ ଅଲ୍ଲୀ ଖାଁ (ଭୋଗରାଇ), ସୁକୁମାର ରଣା ଓ ଦିଲ୍ଲୀପ ଗିରି (ଜଳେଶ୍ୱର), କୁମୁଦ ରଞ୍ଜନ ଗିରି (ବସ୍ତା), ପ୍ରଭାକର ସାହୁ(ଖ) (ରେମୁଣା), ଷ୍ଟାଲିନ୍ ମିଶ୍ର (ନୀଳଗିରି), ପ୍ରଦୀପ ବେହେରା (ବାହାନଗା), ସାବିତ୍ରୀ ଜେନା (ନେତୁଆ), ଗୟାଧର କର (ସଦର) ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ନିଶା ବିରୋଧରେ ନିଜ ନିଜର ମତ ରଖିଥିଲେ । ଏହି ଅବସରରେ 'ମନା' ମୁଖପତ୍ର-୨୦୨୪ର ଶୁଭ ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ବିକ୍ରମ କେଶରୀ ଦାସ, ନିଉ ଲାଇଫ୍ ଡ଼ି ଏଡ଼ିକ୍ସନ କେନ୍ଦ୍ର, କୁରୁଡ଼ା ଓ ଭାରତୀ ପଣ୍ଡା, ଶ୍ରୀଜଗଙ୍କୁ ନିଶା ବିରୋଧରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜୀବନ ସଦସ୍ୟ ଡ. ମହେଶ ବିଶ୍ୱାଳ ଓ ଲୀନା ପାଣିଗ୍ରାହୀଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ଗୌରାଙ୍ଗ ପାଣିଗ୍ରାହୀ, ସଂପାଦକ ମଂଚ ଆହ୍ୱାନ କରିଥିଲା ବେଳେ କଲ୍ୟାଣୀ ନନ୍ଦ ଭଜନ ଗାନ କରିଥିଲେ ଓ ଡ. କେଶବ ଚରଣ ପଣ୍ଡା ବେଦପାଠ କରିଥିଲେ । ସହ ସଂପାଦକ କମଳାକାନ୍ତ ଦାଶ ଓ ସଂପାଦିକା ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, ଅକ୍ଷୟ ତ୍ରିପାଠୀ, କ୍ରୀଷ୍ଣା ସାହା, ସ୍ନେହଲତା ପତି, ସ୍ମୃତି ଦାସ, ମିନତୀ କର, ପ୍ରଶାନ୍ତି ସାହୁ, ବସନ୍ତ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ । ସର୍ବଶ୍ରୀ ରମେଶ ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଚୀନ୍ଦ୍ର ଦାସ, ଶ୍ୟାମସୁନ୍ଦର ଜେନା, ସଂଜୟ ପଣ୍ଡା, ନର୍ମଦା ମହାନ୍ତି, କମଳା ବିନ୍ଧାଣୀ, ସୁକାନ୍ତୀ ଦେବଗୋସ୍ୱାମୀ, ସୀତାରାମ ପ୍ରଧାନ, ଦାମୋଦର ନାୟକ, ପ୍ରଣୀତା ମିଶ୍ର, କମଳାକାନ୍ତ ନାୟକ, ବିଜୟ ଦାସ ଅଧିକାରୀ, ଗଙ୍ଗାଧର ପୃଷ୍ଟି, ସକିଲା ବାନୁ ଓ ବନ୍ଦନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଂପାଦକ ନିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କିସ୍ ଜମି ବାବଦରେ ତଥ୍ୟ ...

ତେବେ ବିଭାଗ ଏ ନେଇ ସବିଶେଷ ବିବରଣୀ ଦେବା ପରେ ଏହା ଉପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ୧୦ ଏକର ଜମିକୁ ମାତ୍ର ୨୫ ଲକ୍ଷ ଟଙ୍କାରେ କିସ୍ ହାତକୁ ଟେକି ଦେଇଛନ୍ତି ତତ୍‌କାଳୀନ ବିଜେଡି ସରକାର। ସର୍ତ୍ତ ସବୁ ପୂରଣ ହୋଇନଥିଲେ ମଧ୍ୟ ରେଗୁଲାରାଇଜେସନ୍ ପ୍ରକ୍ରିୟାକୁ ସାରି ଦେଇଥିଲେ। ଏହି ପ୍ରକ୍ରିୟା ଉପରେ ଏବେ ରୋକ ଲଗାଇଥିଲେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ। ତେବେ ଏଠି ପ୍ରଶ୍ନ ଉଠୁଛି, କାହିଁକି ବିଜେଡିର ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଥିବା ଏହି ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇଥିଲେ ବିଜେଡି ସରକାର ଓ ଅଧିକାରୀ।

### ଲାଞ୍ଚ ନେଉଥିବା ...

ଲାଞ୍ଚ ନେଇ ଜନ୍ ୱିଲିୟମ ବରାଳ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଅନ୍ୟପକ୍ଷରେ ସେକ୍ସନ ଅଫିସର ଜନ୍ ୱିଲିୟମ ବରାଳ କହିଛନ୍ତି ଯେ ଲାଞ୍ଚ ନେଇ ସେ କିଛି ଜାଣି ନାହାନ୍ତି। ଅଭିଯୋଗକାରୀ ତାଙ୍କୁ ଆଣି ଟଙ୍କା ଧରାଇ ଦେଲେ। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ।

### ବଲ୍ଲେ ବଲ୍ଲେ ଢାବାର....

ଲିଜ୍ ପାଇଁ ଟେଣ୍ଡର ଡକାଯାଉଥିଲା। ହେଲେ ସେତେବେଳର ବିଜେଡି ବିଧାୟକ ନିଜ ଇଚ୍ଛା ଅନୁସାରେ ଢ଼ାବାକୁ ଲିଜ ଦେଇଥିଲେ। ସେ ବିଜେଡି ନେତ୍ରୀ ଏଲିନା ଦାସଙ୍କ ସ୍ୱାମୀଙ୍କୁ ଢାବା ଚଳାଇବା ପାଇଁ ଦେଇଥିଲେ। ଆମେ ସ୍ଥାନୀୟ ଅଞ୍ଚଳର ହୋଇ ମଧ୍ୟ ଆମକୁ ମିଳୁନଥିଲା ବୋଲି ସଂଜୀବ କହିଥିଲେ। ସ୍ଥାନୀୟ ଅଞ୍ଚଳର ଆଉ ଜଣେ କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ଧର୍ମଶାଳା ଭବନ ନିର୍ମାଣ କରାଯାଇଥିଲା। ପୂର୍ବରୁ ୪୦୦୦ ଟଙ୍କାରେ ଜଣେ ଲୋକ ବାହାଘର କରାଇ ପାରୁଥିଲା। ହେଲେ ଏବେ ତାହା ୬୫ ହଜାରରେ ପହଞ୍ଚିଲାଣି। ତାହା ପୁଣି ଅଧାରୁ ଅଧିକ ଟଙ୍କା ଅଗ୍ରିମ ଦେବାକୁ କୁହାଯାଉଛି। ଜଣେ ବ୍ୟକ୍ତି ବାହାଘର କରାଇବା ପାଇଁ ଏତେ ଟଙ୍କା କେଉଁଠୁ ପାଇବ? ତେଣୁ ଯେଉଁ ଉଦ୍ଦେଶ୍ୟରେ ଧର୍ମଶାଳା ନିର୍ମାଣ ହୋଇଥିବା, ତାହାର ବିପରୀତ କାମ ହେଉଥିଲା। ଏବେ ଏହା ରଙ୍ଗଶାଳାରେ ପରିଣତ ହୋଇଥିଲା। ମଦ ଓ ମାଂସ ଆସର ଜମୁଥିଲା। ବାହାରୁ ଆସୁଥିବା ଝିଅମାନେ ଢାବା ଉପରେ ଥିବା ଲଜ୍‌ରେ ରହୁଥିଲେ। ନେତା, ମନ୍ତ୍ରୀ ଓ ବଡ଼ବଡ଼ିଆମାନେ ଆସୁଥିଲେ। ସେଠାରେ ସେମାନେ ଯାହା କରିବା କଥା କରି ଯାଉଥିଲେ ବୋଲି ବ୍ୟକ୍ତି ଜଣକ କହିଛନ୍ତି। ସଂଜୀବଙ୍କ ଅଭିଯୋଗ ନେଇ ପ୍ରଣବ କିମ୍ବା ଏଲିନା କି ତାଙ୍କ ସ୍ୱାମୀଙ୍କ ପ୍ରତିକ୍ରିୟା ମିଳିନି। ଏଲିନାଙ୍କ ସ୍ୱାମୀ ସନ୍ଦୀପନ ମହାନ୍ତି ଏକ ଇଭେଣ୍ଟ କମ୍ପାନୀର ମାଲିକ ବୋଲି ଜଣାପଡ଼ିଛି।

### ନଦୀରେ ଭାସିଗଲ...

ସହିଦ ହୋଇଥିବା କୁହାଯାଉଛି। ମୃତକଙ୍କ ଭିତରେ ଅଛନ୍ତି ଜଣେ ଜେସିଓ ଏବଂ ୪ ଜଣ ଯବାନ। ସମସ୍ତଙ୍କର ମୃତଦେହ ଉଦ୍ଧାର ହୋଇଛି। ଏନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୁହାଯାଉଛି ଯେ ଦୁର୍ଘଟଣାଗ୍ରସ୍ତ ଟାଙ୍କଟି ହେଉଛି ଟି-୭୨। ସରକାରୀ ସୂତ୍ରରୁ ପ୍ରକାଶ ଯେ ଏହି ଟ୍ୟାଙ୍କ ଏକ ଟ୍ରେନିଂ ମିଶନରେ ଥିଲା, ଯେଉଁଥିରେ ଏକ ନଦୀ ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଗତ ରାତି ଗୋଟାଏ ବେଳେ ଦୌଲତ ବେଗ ଓଲଡି ଅନ୍ତର୍ଗତ ବୋଧି ନଦୀରେ ବୁଡ଼ି ଯାଇଥିଲା ସେନାର ଗୋଟିଏ ଟି-୭୨ ଟ୍ୟାଙ୍କ। ସେନା ପକ୍ଷରୁ ବୋଧି ନଦୀରେ ଅଭ୍ୟାସ ଚାଲିଥିଲା। ଏତିକି ବେଳେ ହଠାତ୍ ମାଡି ଆସିଥିଲା ପାଣି। ବଢି ପାଣିରେ ବୁଡ଼ି ଯାଇଥିଲା ଟି-୭୨ ଟ୍ୟାଙ୍କ। ଏହି ଟ୍ୟାଙ୍କରେ ୫ ଜଣ ଯବାନ ଥିଲେ।

### ମହାନଦୀ କୂଳରୁ ୮ ବର୍ଷର ...

ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ତା' ସହିତ ସେ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତ ନାବାଳକ ସମୀର ନାଏକଙ୍କ ନିକଟତମ ଆତ୍ମୀୟଙ୍କୁ ୬ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

### ଦିଲ୍ଲୀ ପରେ ଆଉ...

ବିମାନବନ୍ଦରର ଟର୍ମିନାଲ୍-୧ ରେ ଏଭଳି ଘଟଣା ଘଟିଥିଲା। ଏଠାରେ କେନୋପି ତଥା ଛାତ ଭୁଷୁଡି ପଡିବାରୁ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୮ ଜଣ ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ୪ରୁ ଅଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ପାଣିପାଗ ବିଭାଗର ସୂଚନାନୁସାରେ, ଦକ୍ଷିଣ ଗୁଜରାଟ ଉପରେ ଏକ ସାଇକ୍ଲୋନିକ୍ ସିଷ୍ଟମ ସକ୍ରିୟ ରହିଛି, ଏହା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଇଏମଡି ଦକ୍ଷିଣ ଗୁଜରାଟ ପାଇଁ 'ୟେଲୋ ୱାର୍ଣିଂ' ଜାରି କରିଛି।

### ଅଯୋଧ୍ୟା ରାମ ପଥରେ...

ବୋଲି ଅଧିକାରୀମାନେ କହିଛନ୍ତି। ଅଯୋଧ୍ୟା ମେୟର ଗିରୀଶ ପତି ତ୍ରିପାଠୀଙ୍କ କହିବା କଥା ହେଲା, ବର୍ଷା ଯୋଗୁ ସହର ବିଭିନ୍ନସ୍ଥାନରେ ପାଣି ଜମିଛି। ଏହି ଖବର ମିଳିବା ପରେ ତୁରନ୍ତ ଜଳନିଷ୍କାସନ ପାଇଁ ଉଦ୍ୟମ ଚାଲିଛି। କହିରଖୁ ଯେ, ଗତ ଶନିବାର ବିଳମ୍ବିତ ରାତିରେ ବର୍ଷା ଯୋଗୁ ରାମ ମନ୍ଦିର ଭିତରେ ପାଣି ଗଳୁ ଥିବା ଖବର ସାମ୍ନାକୁ ଆସିଥିଲା। ଏପରିକି ପୂଜାସ୍ଥଳରେ ପାଣି ଜମି ଯାଇଥିବା ମଧ୍ୟ ସୂଚନା ମିଳିଥିଲା। ସୋମବାର ରାମ ମନ୍ଦିରର ମୁଖ୍ୟ ପୂଜାରୀ ବର୍ଷା ଜଳ ମନ୍ଦିର ପରିସରରେ ଜମା ହୋଉଛି ବୋଲି ଦାବି କରିଥିଲେ। ମନ୍ଦିର ପରିସରରୁ ବର୍ଷା ଜଳ ନିଷ୍କାସନ କରିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ମଧ୍ୟ ସେ କହିଥିଲେ। ତେବେ ରାମ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏହି ଖବରକୁ ଖଣ୍ଡନ କରିଥିଲେ। ରାମ ମନ୍ଦିର ଛାତରୁ ଟୋପାଏ ପାଣି ବି ଲକ୍ ହୋଇନାହିଁ କି ଗର୍ଭ ଗୃହରେ ଏହା ପ୍ରବେଶ କରିନାହିଁ ବୋଲି ସେ କହିଥିଲେ।

# ଟ୍ରାକ୍ଟର ଧକ୍କାରେ କାନପୁର ଟୁଡୁଙ୍କ ମୃତ୍ୟୁ




ବେତନଟୀ , ୨୯/୬ (ନି.ପ୍ର): ଶନିବାର ସନ୍ଧ୍ୟାରେ ବେତନଟୀ ବ୍ଲକ ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ଉଲଡିହ ଗ୍ରାମର ୬୮ ବର୍ଷିୟା କାପୁରା ଟୁଡୁଙ୍କ ଟ୍ରାକ୍ଟର ଧକ୍କାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଖେଳପଡିଆ ଭିତର ଦେଇ ଡାହିବାଡି ହାଟକୁ ଯାଉଥିବା ବେଳେ ଟ୍ରାକ୍ଟରରେ ବସିଥିବା ବୃଦ୍ଧା କାପୁରା ତଳକୁ ପଡ଼ିଯାଇଥିଲେ । ଫଳରେ ପଛ ଚକଟି ତାଙ୍କ ଉପରେ ଚଢି ଯିବା ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ଥାଉ କି ମୃତ କାପୁରାଙ୍କ ଜ୍ୱାଇଁ ଉକ୍ତ ଟ୍ରାକ୍ଟର (ଓଡି-୧୧ୱାଇ-୫୫୫୦)କୁ ଚଳାଉଥିଲେ । ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ କାପୁରାଙ୍କୁ ବେତନଟୀ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ଥାନାରେ ଏକ ଦୁର୍ଘଟଣା ମୃତ୍ୟୁ ମାମଲା ରୁଜୁ କରିବା ସହ ଟ୍ରାକ୍ଟର ଟିକୁ ଜବତ କରାଯାଇ ତଦନ୍ତ ଚାଲିଥିବା ଜଣାଯାଇଛି।

# ମୟୂରଭଞ୍ଜ ଜିଲ୍ଲାରେ ଆଣ୍ଟି ରାଗିଙ୍ଗ ନିୟମ କଡାକଡି ପାଳନ ପାଇଁ ଜାରି ହେଲା ହେଲ୍ପ ଲାଇନ ନମ୍ବର

ବାରିପଦା, ୨୯/୬ (ନି.ପ୍ର): ଜିଲ୍ଲାରେ ଆଣ୍ଟି -ରାଗିଙ୍ଗ ନିୟମ କଡାକଡି ଏବଂ ରାଗିଙ୍ଗ ଦ୍ୱାରା ଯୁବ ସମାଜର କିଭଳି କ୍ଷତି ହେଉଅଛି ସେ ବିଷୟରେ ପ୍ରାଧାନ୍ୟ ଦେବାପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ଏକ ଆଣ୍ଟି-ରାଗିଙ୍ଗ କମିଟି ଗଠନ କରି ଏହାର କାର୍ଯ୍ୟକାରିତା ଦୃଢତାର ସହିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି କମିଟିରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉ ସାହେବ ଶୀନ୍ଦେଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ରେଜଷ୍ଟ୍ରାର, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ପ୍ରତିନିଧି ଆରକ୍ଷୀ ଅଧିକ୍ଷକ ପ୍ରମୁଖ ରହିବେ ବୋଲି ଉଲ୍ଲେଖ କରାଯାଇଛି। ଏହି କମିଟିର ଅଧକ୍ଷ ଭାବେ ଜିଲ୍ଲାପାଳ ଏହା ନିଷ୍ପତ୍ତି ନେଇଛନ୍ତି ଯେ ମହାବିଦ୍ୟାଳୟ ସ୍ତରରେ ଏକ କମିଟି ପ୍ରସ୍ତୁତ ହେବ ଏବଂ ଶିକ୍ଷାନୁଷ୍ଠାନର ପ୍ରଥମ ସତ୍ର ସମ୍ମିଳନୀରେ ଏହି ଆଣ୍ଟି ରାଗିଙ୍ଗ ସମ୍ବନ୍ଧୀୟ ସଚେତନତା ବିଷୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ କୁହାଯିବ। ତଥ୍ୟ ଅନୁସାରେ, ଯଦି କୌଣସି ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ଭଳି ଅମାନୁଷିକ କାର୍ଯ୍ୟ ଦେଖା ଗଲା ତେବେ ଜିଲ୍ଲା ହେଲ୍ପ ଲାଇନ ଫୋନ୍ ନମ୍ବର ୦୬୭୯୨-୨୫୨୯୪୧ ରେ ଯୋଗାଯୋଗ କରି ଏହି ବିଷୟରେ ସୂଚନା ପ୍ରଦାନ କରିବେ। ସମସ୍ତ ମହାବିଦ୍ୟାଳୟର ଅଧକ୍ଷ ମାନେ ପ୍ରତି ଶିକ୍ଷାବର୍ଷ ଆରମ୍ଭରେ, ନିଜ ନିଜ ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ହେଉନାହିଁ ବୋଲି ଏକ ଉପକ୍ରମ ବା ଅଣ୍ଡରଟେକିଙ୍ଗ ପ୍ରଦାନ କରିବେ। ଏଥି ସହିତ, ଜିଲ୍ଲା ଉନ୍ନୟନ ଅଧିକାରୀ ଏହି ଜିଲ୍ଲା ସ୍ତରୀୟ ଆଣ୍ଟି ରାଗିଙ୍ଗ କମିଟିର ନୋଡାଲ ଅଫିସର ହେବେ ବୋଲି ସୂଚନା ପ୍ରଦାନ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି
ରୂପ୍ସା

# ଜାତୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନିତ ହେଲେ ବାଲେଶ୍ୱରର ଦେବେନ୍ଦ୍ର

ରୂପ୍ସା, ୨୯/୬ (ନି.ପ୍ର): କଟକ ସ୍ଥିତ ୱାର୍ଲ୍ଡ ଚାରିଟି ଓ୍ୱେଲଫେୟାର୍ ଫାଉଣ୍ଡେସନ ତରଫରୁ ଆୟୋଜିତ ବିଶ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୁରସ୍କାର ବିତରଣ ଉତ୍ସବ ରେ ମଞ୍ଚାସିନ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଓ ତାମିଲନାଡୁ ବୈଦିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର କାନୁନଗୋ ଓ ମଞ୍ଚାସୀନ ଅନ୍ୟାନ୍ୟ ଅତିଥି ଙ୍କ ଗହଣରୁ ବାଲେଶ୍ୱର ଜିଲ୍ଲାର ଯୁବ ପ୍ରତିଭା, ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ତଥା ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ଅନେକ ପ୍ରତିଭାର ଅଧିକାରୀ, ଜଗନ୍ନାଥ ସଂସ୍କୃତି ର ପ୍ରଚାରକ ଓ ଗବେଷକ ଓ ଅନେକ ପୁରସ୍କାରରେ ସମ୍ମାନୀତ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜାତୀୟ ଶ୍ରେଷ୍ଠ ସାମାଜିକ ସ୍ୱେଚ୍ଛାସେବୀ ଭାବରେ କଟକ ର ଶତାବ୍ଦୀ ଭବନ ରେ ସମ୍ବର୍ଦ୍ଧିତ କରାଯାଇଛି ଏବଂ ଏହି ପରି ଭାବରେ ଆଗକୁ ବଢ଼ି ସମାଜସେବା ଓ ଓଡ଼ିଆ ଭାଷାର ସୁରକ୍ଷା କ୍ଷେତ୍ର ରେ ଅନେକ କାର୍ଯ୍ୟକରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ପାଇ ଓଡ଼ିଶା ର ନାମକୁ ଗୌରବାନ୍ୱିତ କରିବା ପାଇଁ ଅନେକ ଶୁଭେଚ୍ଛା ବାର୍ତ୍ତା ମିଳିଛି।



# ପାରାଦୀପ ପୌରପାଳିକା ୨୦୨୪-୨୫ ବର୍ଷ ପାଇଁ ୭୯କୋଟି ୩୪ଲକ୍ଷ ୪୭ହଜାର ୬୧୫ଟଙ୍କା ବଜେଟ୍ ପାରିତ

## ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୂପ୍ରସାଦ ତରାଇଙ୍କୁ ଭବ୍ୟ ସ୍ୱାଗତ




ପାରାଦୀପ, ୨୯/୬ (ନି.ପ୍ର): ପାରଦୀପ ପୌରପାଳିକା ସମ୍ମିଳନୀ କକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୭୯କୋଟି ୩୪ଲକ୍ଷ ୪୭ହଜାର ୬୧୫ଟଙ୍କା ବଜେଟ୍ ପାରିତ ହୋଇଛି । ଏହି ଅବସରରେ ଶନିବାର ଦିନ ଆୟୋଜିତ କାଉନସିଲ୍ ବୈଠକରେ ନଗରପାଳ ବସନ୍ତ ବିଶ୍ୱାଳ ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ । ଉପସ୍ଥିତ ପାରିଷଦମାନେ ଏହାକୁ ସମର୍ଥନ କରିବା ସହିତ ବଜେଟ୍ ପାରିତ ହୋଇଥିଲା । ଏହି ଅଧିବେଶନରେ ନବନିର୍ବାଚିତ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା(ସ୍ୱାଧୀନ ଦାୟିତ୍ୱ)ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ନବନିର୍ବାଚିତ ସାଂସଦ ଡ. ବିଭୂପ୍ରସାଦ ତରାଇ ଯୋଗ ଦେଇଥିଲେ । ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସେମାନଙ୍କୁ ସ୍ୱାଗତ କରିଥିଲେ । ବିଭିନ୍ନ ସୂତ୍ରରୁ ୪୦କୋଟି ୧ଲକ୍ଷ ୯୪ହଜରା ୨୬୮ଟଙ୍କା ଆୟ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର ବଳକା ଅର୍ଥ ମିଶି ମୋଟ ଆୟ ୭୯କୋଟି ୩୪ଲକ୍ଷ ୪୭ହଜାର ୬୧୫ଟଙ୍କା ରହିଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୭୭ କୋଟି ୨୦ଲକ୍ଷ ୦୩ହଜାର ୯୯ଟଙ୍କାର ବ୍ୟୟ ବରାଦ ପାରିତ ହୋଇଥିବା ବେଳେ ବର୍ଷ ଶେଷ ସମ୍ଭାବ୍ୟ ବଳକା ଅର୍ଥରାଶି ୨କୋଟି ୧୪ଲକ୍ଷ ୪୪ହଜାର ୫୧୬ ଟଙ୍କା ରହିଛି । କାଉନସିଲ୍ ବୈଠକ ପୂର୍ବରୁ ମାନ୍ୟବର ମନ୍ତ୍ରୀ ଓ ସାଂସଦଙ୍କୁ ପୌର ପ୍ରଶାସନିକ ଭବନ ପରିସରରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ପୌରହିତ୍ୟ କରିଥିଲେ ନଗରପାଳ ବସନ୍ତ ବିଶ୍ୱାଳ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ପାରାଦୀପ ପୌରାଂଚଳରେ ଆଗାମୀ ବର୍ଷା ଦିନ ପାଇଁ ବସ୍ତି ଅଂଚଳରେ ଯେପରି ଲୋକଙ୍କ ପାଇଁ ସମସ୍ୟା ନହୁଏ ସେ ଦିଗରେ ପୌରପାଳିକା ତୀକ୍ଷ୍ଣ ଦୃଷ୍ଟି ଦେବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଦଳମତ ନିର୍ବିଶେଷରେ ପାରାଦୀପର ସାମଗ୍ରିକ ବିକାଶ ପାଇଁ ପୌରପାଳିକା କାର୍ଯ୍ୟ କରିବାକୁ ସାଂସଦ ଡ.ତରାଇ କହିଥିଲେ । ଉପାଧକ୍ଷା ଛବିଳତା ରାଉତ, ପାରିଷଦ ପ୍ରଭାତୀ ନାୟକ, ସୁବ୍ରତ କୁମାର ପ୍ରଧାନ, ପ୍ରତାପ ନାୟକ, କେଦାରନାଥ ଜେନା, ଅଜିତ କୁମାର ଷଡଙ୍ଗୀ, ମନୋଜ କୁମାର ନାୟକ,ବନୀତା ରାଉତଙ୍କ ସମେତ ଅନ୍ୟ ପାରିଷଦ ପ୍ରମୁଖ ଯୋଗ ଦେଇଥିଲେ ।

# ଖଇରା-ଭଞ୍ଜପଦା ମୁଖ୍ୟମନ୍ତ୍ରୀ ସଡକ ପଥ ନିର୍ମାଣରେ ଅନିୟମିତତା: ବିଧାୟକଙ୍କ ପାଖରେ କଲେ ଅଭିଯୋଗ

ଖଇରା, ୨୯/୬ (ନି.ପ୍ର): ଖଇରା-ଔପଦା ଦୁଇ ବ୍ଲକ କୁ ସଂଯୋଜ କରୁଥିବା ଖଇରା - ଭଞ୍ଜପଦା ମୁଖ୍ୟମନ୍ତ୍ରୀ ସଡକପଥ ନିର୍ମାଣରେ ବ୍ୟାପକ ଦୁର୍ନିତି ହେଉଥିବା ନେଇ ଅଞ୍ଚଳ ବାସୀ ମାନେ ବିଧାୟକ ପଦ୍ମଲୋଚନ ପଣ୍ଡା ଙ୍କ ଠାରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ବେଆଇନ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମୁକ୍ତାବେଗୁନିଆ, ସାରକୋଣା, ବିଦ୍ୟାଧରପୁର ଶାସନ,ଭଦଳି ଇତ୍ୟାଦି ଗ୍ରାମର ଅଧିବାସୀ ମାନେ ଦାବୀ କରିଛନ୍ତି । ପ୍ରକାଶ ଯେ ଏହି ୪.୩କିମି ଦୀର୍ଘ ରାସ୍ତା ପାଇଁ ୪କୋଟି ୭୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୨୦୨୪ମାର୍ଚ୍ଚ ୧୫ତାରିଖରେ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲା । ହେଲେ ଆରମ୍ଭ ଦିନ ଠାରୁ ରାସ୍ତାକାମ ଠିକଠାକ ଚାଲୁନଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ରାସ୍ତା ର ମୁକ୍ତାବେଗୁନିଆ ନିକଟରେ ସୁରକ୍ଷା ପାଚେରୀ



ନିର୍ମାଣ କରାନଯାଇ ଅନ୍ୟସ୍ଥାନରେ କରାଯାଉଥିବା ରୁ ଏହାକୁ ନେଇ ମୁକ୍ତାବେଗୁନିଆ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ରାସ୍ତା କଡ ନୟନଯୋରୀରେ ପ୍ରବାହିତ ଜଳରୁ ରାସ୍ତାର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାନଯାଏ ତେବେ ସମୁହ ଗ୍ରାମବାସୀ ରାସ୍ତା ନିର୍ମାଣ ବନ୍ଦ ରଖିବାକୁ ଚେତାବନୀ ଦେଇଛନ୍ତି । ରାସ୍ତାକାମ ଏଷ୍ଟିମେଟ ଅନୁଯାୟୀ କରାଯାଉନଥିବା ଅଭିଯୋଗ ହେଉଛି । ନୂତନ ଭାବରେ ହୋଇଥିବା କଂକ୍ରିଟ ମଧ୍ୟ ଫାଟିଥିବାର ପାରିଲକ୍ଷିତ ହୋଇଛି । ତଳେ ଦିଆ ଯାଉଥିବା ବାଲିର ପାରିମାଣ କମ ଥିବାରୁ ରାସ୍ତା ମଧ୍ୟ ବିଭିନ୍ନ ସ୍ଥାନରେ ଦବି ଯାଇଛି । ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ସଦୃଶ ଭଳି ଲାଗୁଛି । ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ସମ୍ପର୍କ କରାଯାଇଥିଲେ ହେଁ ସେ ଫୋନ ଉଠାଉନଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ ।

# ରାଜ୍ୟର ସବୁ ଧାନ ମଣ୍ଡିରେ ଲାଗିବ ସିସି କ୍ୟାମେରା

ଭୁବନେଶ୍ୱର, ୨୯/୬ (ନି.ପ୍ର): ରାଜ୍ୟର ସବୁ ଧାନ ମଣ୍ଡିରେ ସିସିଟିଭି କ୍ୟାମେରା ଲାଗିବ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଗାମୀ ୨ ମାସ ମଧ୍ୟରେ ସବୁ ମଣ୍ଡିରେ ସିସିଟିଭି ଲଗାଯିବ। ସବୁ ଗାଡ଼ିରେ ଜିପିଏସ ଲାଗିବ। ଯାହା ଦ୍ୱାରା କିଏ ବ୍ୟକ୍ତି ଧାନ ଆଉ କେଉଁଠି ଅନଲୋଡ଼ କଲା କି ତାର ଖବର ଆସିପାରିବ। ତେଣୁ ଜିପିଏସ ଅନ କରି ଦୁର୍ନୀତି ରୋକିବା ପାଇଁ ବିଭାଗ ଚେଷ୍ଟା କରିବ। ମଣ୍ଡିରୁ ଧାନ ମିଲର ପାଖକୁ ଗଲା କି ନାହିଁ ତାର ଯାଞ୍ଚ ହେବ। ୨୪ ବର୍ଷରେ ହୋଇଥିବା ଦୁର୍ନୀତି ଉପରେ ରୋକ ଲାଗିବ। କୋରାପୁଟ, ମାଲକାନଗିରି, ରାୟଗଡା ଜିଲାରେ ବୁଲି ସ୍ଥିତି ଦେଖିବା ବେଳେ ବହୁତ ଅସୁବିଧା ଅଛି ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି ସେ କାମ ସୁବିଧା ସୁଯୋଗ କରିବେ। ସେ କହିଛନ୍ତି, ରିସାଇକେଲିଙ୍ଗ ଚାଉଳ ଯେମିତି ନହେଉ ସେ ଦିଗରେ ଜିଲାପାଳ ଦେଖିବେ। କଟନି ଛଟନି ଆଦୌ ହେବ ନାହିଁ। ମଣ୍ଡି ଅବ୍ୟବସ୍ଥା ଲାଗି ରହିଛି। ନିର୍ଦ୍ଦେଶ ଦିଆଯାଇଛି କୃଷକ ମାନେ ଯେମିତି କୌଣସି ଦ୍ରବ୍ୟ ସେଠାରେ ମାସେ ମାସେ ନ ଧରି ବସିବେ ନାହିଁ ସେ ପାଇଁ ସୁବିଧା ହେବ।କାଲିମେଳାରେ ଗତକାଲି ମୁଁ ନିର୍ଦ୍ଦେଶ ଦେଇଛି ସେଠି କୃଷକ ମାନେ ଜଲଦି ଦ୍ରବ୍ୟ ଦେଇ ଯିବେ। ସେ ବବ୍ୟବସ୍ଥା ହେବା ସହ କୃଷକ ଆକାଉଣ୍ଟକୁ ୪୮ ଘଂଟା ମଧ୍ୟରେ ପଇସା ଯିବ। ସେ କହିଛନ୍ତି, ଖୁଚୁରା ବେପାରୀଙ୍କ ଉପରେ ରେଡ ହେବ । ଯେ କେହି ଖୁଚୁରା ବେପାରୀ ଅତ୍ୟଧିକ ଲାଭ ରଖି ଜିନିଷ ବିକ୍ରି କଲେ ଏବଂ ଅଭିଯୋଗ ଆସିଲେ ରେଡ ପାଇଁ ନିର୍ଦ୍ଦେଶ ଦେବି। ଦରଦାମ ନିୟନ୍ତ୍ରଣରେ ଅଛି। ପିଆଜ ,୪୦ ଉପରକୁ ଯାଇନାହିଁ, ଆଳୁ ୩୦,୩୫ ଟଙ୍କା ଭିତରେ ଅଛି। କାରଣ ହେଉଛି ଆସିକ ଓ ଆନ୍ଧ୍ରରୁ ଏ ସବୁ ଆସୁଛି। ସେଠି ଦାମ ଅଧିକ ଅଛି। ସେ କହିଛନ୍ତି, ଶୀତଳ ଭଣ୍ଡାର କରିବା ପାଇଁ ଆମ ସରକାର ବଦ୍ଧ ପରିକର। ଆମେ ଆଗରୁ କହିଛୁ। କୃଷି ବିଭାଗ ପ୍ରସ୍ତୁତ ହେଉଛି।

# ବାଇକ ଦୁର୍ଘଟଣା:୧ ମୃତ ଓ ଜଣେ ଆହତ

ଲଙ୍ଗଳେଶ୍ୱର ୨୯/୬(ନି ପ୍ର) ଭୋଜି ଖାଇ ବାଇକରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିବାରୁ ଜଣେ ମୃତ ଓ ଜଣେ ଆହତ ହୋଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ସିଂଲା ଥାନା ଅନ୍ତର୍ଗତ ବାହାଦୁଲପୁର ହରିହାଟ ଛକରେ ଘଟିଛି ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା। ରୂପ୍ସା ଥାନା ଅନ୍ତର୍ଗତ ଆଙ୍କୋ ଅଞ୍ଚଳର କେତେ ଜଣ ଯୁବକ ସୁନ୍ଦରକୋଇଲି ଗ୍ରାମରୁ ଭୋଜି ଖାଇ ବିଳମ୍ବିତ ରାତିରେ ବାଇକରେ ଘରକୁ ଫେରୁଥିବା ବେଳେ ବାହାଦୁଲପୁର ହରିହାଟ ଛକ ନିକଟରେ ଗାଡିଟି କୁକୁର ସହିତ ଧକ୍କା ହେବାରୁ ସେମାନେ କଂକ୍ରିଟ ରାସ୍ତାରେ ପଡିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ ଘଟିଥିଲା । ବାଇକର ପଛରେ ବସିଥିବା ଯୁବକ ଜଣକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଯୋଗୁଁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା ।ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ସିଂଲା ପୁଲିସକୁ ଖବର ଦେବା ପରେ ପୁଲିସ୍ ଶବ କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବିଧାୟକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧନା ଦେଲେ ଗ୍ରାମବାସୀ




ବାସୁଦେବପୁର, ୨୯/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ନରସିଂହପୁର ବାସନ୍ତୀ ପଡ଼ିଆ ଠାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜାତୀୟ କଂଗ୍ରେସର ନୂତନ ବିଧାୟକ ଅଶୋକ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ଦାସ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟ ରେ କହିଲେ ମୁଁ ଜୀବନ ଥିବା ପର୍ଯ୍ୟନ୍ତ ଜନ ସାଧାରଣଙ୍କ ସେବା କରିବି । ନରସିଂହପୁର ପଞ୍ଚାୟତର ସମସ୍ତ ଭାଇ ଓ ଭଉଣୀ ମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସମସ୍ତ ସମସ୍ୟାକୁ ମୁଁ ନିଶ୍ଚିତ ସମାଧାନ କରିବାକୁ ଚେଷ୍ଟା କରିବି। ଏହି ଅବସରରେ ଏହି ସମ୍ବର୍ଦ୍ଧନା ସଭାରେ ନରସିଂହପୁର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସମିତି ସଭ୍ୟା ଅନିତା ଲେଙ୍କା, ଇଂ ଭାଗିରଥି ମହାପାତ୍ର, ପୂର୍ବତନ ସରପଞ୍ଚ ମଧୁସୁଦନ ପଣ୍ଡା ଓ ବହୁ କଂଗେସ କର୍ମୀ ଯୋଗ ଦେଇଥିଲେ । ସତ୍ୟ ସୁନ୍ଦର ରାଉତ ମଞ୍ଚ ସଂଯୋଜନା କରିଥିଲେ। ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳା ଏଇ ସଭାରେ ଯୋଗ ଦେଇଥିଲେ ଓ ସମସ୍ତେ ଭୋଜନ କରିଥଲେ ।

# ନିଷିଦ୍ଧଥିବା ଥରେ ମାତ୍ର ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ୍ ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ

## ୧୫ ହଜାର ଟଙ୍କା ଜୋରିମାନା ଆଦାୟ, ଆଗକୁ ଦୃଢ଼ ପଦକ୍ଷେପ ପାଇଁ ଚେତାବନୀ

ଭଦ୍ରକ, ୨୯/୬ (ନି.ପ୍ର): ମାଟିରେ ବିଘଟନ ହୋଇପାରୁ ନଥିବା ଥରେ ମାତ୍ର ବ୍ୟବହାର ଉପଯୋଗୀ ବିଭିନ୍ନ ପ୍ଲାଷ୍ଟିକ୍ ଦ୍ରବ୍ୟ ର ବହୁଳ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷିତ ହେଉଥିବାରୁ ସରକାରଙ୍କ ଦ୍ୱାରା ଏହାର ବ୍ୟବହାରକୁ ନିଷେଦ୍ଧ କରାଯାଇଛି । ତଥାପି ଅଦ୍ୟାବଧି ବିଭିନ୍ନ ଦୋକାନ ମାନଙ୍କରେ ଏହାର ବ୍ୟବହାର ଓ ବିକ୍ରି କରାଯାଉଥିବାରୁ ଭଦ୍ରକ ଜିଲ୍ଲାପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ପୌରପାଳିକା ଦ୍ୱାରା ୨୮.୬.୨୪ ସନ୍ଧ୍ୟାରେ ଏହି ପରିପ୍ରେକ୍ଷୀରେ ଏକ ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ ଏହି ଧରପଗଡ଼ରେ ବ୍ୟବହାର ନିଷିଦ୍ଧ ଥିବା ଥରେ ମାତ୍ର ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ୍ କପ୍ ,ଗ୍ଲାସ୍ ,ଥର୍ମୋକୁଲ ଆଦି ବିକ୍ରୟ କରାଯାଉଥିବା ବିଭିନ୍ନ ଦୋକାନରୁ ଜବଦ କରାଯାଇଛି । ଏ ବାବଦରେ ବିଭିନ୍ନ ଦୋକାନୀ ମାନଙ୍କ ଠାରୁ ସମୁଦାୟ ୧୫ ହଜାର ଟଙ୍କା ମଧ ଜୋରିମାନା ଆଦାୟ କରାଯାଇଛି । ଏ ପ୍ରକାର ଯେ କୌଣସି ଉତ୍ପାଦକୁ ବିକ୍ରୟ ନ କରିବାକୁ ସୂଚନା ପ୍ରଦାନ କରାଯାଉଛି । ଭବିଷ୍ୟତରେ ଏଥିପାଇଁ ଅଧିକ ରୁ ଅଧିକ ଚଢ଼ଉ,ଧରପଗଡ଼ କରାଯିବା ସହିତ ଜୋରିମାନା ପରିମାଣ ଯଥେଷ୍ଟ ବୃଦ୍ଧି କରାଯିବା ନେଇ ଚେତାବନୀ ଦିଆଯାଉଛି । ଏ ପ୍ରକାର ପ୍ଲାଷ୍ଟିକର ବ୍ୟବହାର ଜନିତ ବର୍ଜ୍ୟବସ୍ତୁ ବିଶେଷ କରି ପ୍ରାକୃତିକ ଜଳସ୍ରୋତ, ମୃତ୍ତିକା ପାଇଁ ଅତ୍ୟଧିକ କ୍ଷତିକାରକ ସାବ୍ୟସ୍ତ ହେବା ସହିତ ଏହା ଯୋଗୁଁ ନାଳ ନର୍ଦ୍ଦମାରେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବାରୁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେଉଛି । ଏଥିପାଇଁ ଜନ ସାଧାରଣ ମଧ ମାଟିରେ ମିଶି ପାରୁନଥିବା ଥରେ ମାତ୍ର ବ୍ୟବହାର



ଉପଯୋଗୀ ନିଷିଦ୍ଧ ଥିବା ଏହି ପ୍ଲାଷ୍ଟିକ୍ ବର୍ଗର କୌଣସି ଉତ୍ପାଦ କୁ ବ୍ୟବହାର ନ କରିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଉପସ୍ଥିତିରେ ଏହି ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ମହୁଲୀ ମଦ ଜବତ: ୧ ଗିରଫ

ନୀଳଗିରି , ୨୯/୬ (ନି.ପ୍ର): ଦିନକୁ ଦିନ ମହୁଲୀ ମଦ ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ରୋକ ଦେବାକୁ ନୀଳଗିରି ଅବକାରୀ ବିଭାଗ ଲାଗିପଡିଛନ୍ତି । ଘଟଣାନୁଯାୟୀ ଆଜି ସନ୍ଧ୍ୟା ସମୟରେ କୌଣସି ସୂତ୍ରରୁ ନୀଳଗିରି ଅବକାରୀ ବିଭାଗ ଖବରପାଇ ନୀଳଗିରି ବ୍ଲକ୍ କେସିପୁର ପଞ୍ଚାୟତର ବେତକଟା ଗ୍ରାମର ପ୍ରଦୀପ ନାୟକ( ୪୫) ଙ୍କ ଠାରୁ ୨୨ ଲିଟର ମହୁଲୀ ମଦ ଜବତ୍ କରିବା ସହ ତାଙ୍କୁ ଗିରଫ କରିଛି । ଏହି ଚଢାଉରେ ଅବକାରୀ ଓ,ଆଇ.ସି. ଜଗନ୍ନାଥ ବେହେରା, ଏ.ଏସ୍.ଆଇ. ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ନହନ ମୁର୍ମୁ ପ୍ରମୁଖ ସାମିଲ ଥିଲେ ଓ ଏପରି ଚଢ଼ାଉ ଦେଖି ବେପାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି ।

# ମା' ପାଇଁ ଗଛଟିଏ ଅଭିଯାନ: ବାରିପଦାଠାରେ ଅନୁଷ୍ଠିତ ହେଲା ଚାରା ରୋପଣ କାର୍ଯ୍ୟକ୍ରମ

ବାରିପଦା, ୨୯/୬ (ନି.ପ୍ର): ରାଜ୍ୟ ସରକାରଙ୍କର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଭିଯାନ ଅନ୍ତର୍ଗତ, ବିଶ୍ୱ ପରିବେଶ ଦିବସ ସପ୍ତାହ ପାଳନ ଅବସରରେ ଶନିବାର ଅପରାହ୍ନରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ ଯୋଗ ଦେଇ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି କହିଥିଲେ, ' ଯେପରି ମା' ଆମ ଜୀବନର ପ୍ରମୁଖ ଅଂଶବିଶେଷ ସେହିଭଳି ବୃକ୍ଷ ମଧ... ଏଣୁ ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ ଏବଂ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ।' ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ବାରିପଦା ସତ୍ୟ



ସାଇ ସେବା ସଂଗଠନ ଯୋଡି ହୋଇ ଏହି ଅଭିଯାନକୁ ସଫଳ କରିବା ପାଇଁ ମଧ ବୃକ୍ଷ ରୋପଣ କରିଥିଲେ। ଏହା ଏକ ସୁନ୍ଦର ଅଭିଯାନ ହୋଇଥିବାରୁ ଏହି କାର୍ଯ୍ୟକ୍ରମକୁ ଜନାଦୃତ କରିବା ନିମନ୍ତେ ସମସ୍ତେ ନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିବେଦନ ମଧ କରିଛନ୍ତି। ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ, ଉଦ୍ୟାନକୃଷି ବିଭାଗର ଉପନିର୍ଦ୍ଦେଶକ, ଶ୍ରୀ ଟଙ୍କଧର କାଲୋ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଶ୍ରୀମତୀ ସତ୍ୟଭାମା ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ, ସତ୍ୟସାଇ ସେବା ସଂଗଠନ ସଭାପତି, ଶ୍ରୀ ବିଶ୍ୱରଂଜନ ସାହୁ, ସଂଯୋଜକ ମାନସ ରଞ୍ଜନ ମହାପାତ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀ ଗିରିଜା ଶଙ୍କର ମହାନ୍ତି ପ୍ରମୁଖ ଚାରା ରୋପଣ କରିଥିଲେ। ସତ୍ୟସାଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ବିଶ୍ୱ ପରିବେଶ ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏକ ପେଡ ମା କେ ନାମ ( ମା ପାଇଁ ଗଛଟିଏ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଆହ୍ୱାନ ଜଣାଇଥିଲେ।

# ବେତନଟୀ ତହସିଲରେ ବଡ଼ସାହି ବିଧାୟକଙ୍କ ସମୀକ୍ଷା

ବେତନଟୀ , ୨୯/୬ (ନି.ପ୍ର): ବେତନଟୀ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜନସାଧାରଣଙ୍କ ନାନାଦି ସମସ୍ୟା ବାବଦରେ ଆଲୋଚନା କଲେ ବିଧାୟକ ସନାତନ ବିଜୁଳି। ଉଚ୍ଚ ଶିକ୍ଷା ନିମନ୍ତେ ଆବଶ୍ୟକ ହେଉଥିବା ବାସସ୍ଥାନ ପ୍ରମାଣପତ୍ର , ଜାତି ପ୍ରମାଣପତ୍ର , ଆୟ ପ୍ରମାଣପତ୍ର ଆଦି ଅତ୍ୟାବଶ୍ୟକ ସେବା ଗୁଡିକ ତହସିଲ ଅଫିସରୁ ଠିକ୍ ସମୟରେ ମିଳୁନଥିବା ଅଭିଯୋଗ ଯୁବ ଓ ଛାତ୍ର ମହଲରୁ ହୋଇଆସୁଛି। ତହସିଲ କର୍ମଚାରୀଙ୍କ ଆନ୍ତରିକତା ଅଭାବରୁ ଠିକ୍ ସମୟରେ ପ୍ରମାଣପତ୍ର ନପାଇ ଅନେକ ସମୟରେ ବିଭିନ୍ନ ଚାକିରି ରେ ଆବେଦନ କରିପାରୁ ନଥିବା ନେଇ ବିଧାୟକଙ୍କୁ ଅଭିଯୋଗ ହୋଇ ଆସୁଥିଲା। ଆଜି ଏନେଇ ଆଲୋଚନାରେ ଭାଗ ନେବା ଅବସରରେ ବିଧାୟକ ତହସିଲଦାରଙ୍କ ନିକଟରେ ଏହି ପ୍ରସଙ୍ଗ ଉତଥାପନ କରିଥିଲେ। ଏହା ବାଦ ଲଘୁ ଖଣିଜ ଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ କରାଯାଉଥିବା ନେଇ ଅଭିଯୋଗ ଆସୁଥିବା ସମ୍ପର୍କରେ ଜଣାଇଥିଲେ। ତେବେ ତହସିଲଦାର ସୁରଥ ଚନ୍ଦ୍ର ରାଉତ କର୍ମଚାରୀମାନଙ୍କ ସହିତ ଆଲେଚନା କରି ଏ ବାବଦରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଧାୟକଙ୍କ ସହିତ ଭାଜପାର ବରିଷ୍ଠ ନେତୃମଣ୍ଡଳୀ ମଧ୍ୟ ଉପସ୍ଥିତ ଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ କରି ପ୍ରଧାନଶିକ୍ଷକ ଗିରଫ

ବେତନଟୀ , ୨୯/୬ (ନି.ପ୍ର): ବେତନଟୀ ଥାନା ଅଧୀନ ଜନୈକା ୧୩ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିବା ଘଟଣାରେ ଆଜି ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ଗିରଫ କରିଛି ବେତନଟୀ ପୁଲିସ । ଅଟକ ପ୍ରଧାନଶିକ୍ଷକ ଜଣକ ହେଉଛନ୍ତି ବେତନଟୀ ଥାନା ବାରିପଦା ସଦରବ୍ଲକ ଅଧୀନ ଖଡ଼ିଶୋଳ ପଞ୍ଚାୟତର କରଞ୍ଜିଆ ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ ବେହେରା(୫୫) ବୋଲି ଜଣାପଡିଛି । ଏତଲାକାରିଣୀ ୧୩ବର୍ଷୀୟା ଅଷ୍ଟମଶ୍ରେଣୀ ଛାତ୍ରୀଙ୍କ ଅଭିଯୋଗ ମୁତାବକ ୨୬ତାରିଖ ସକାଳେ ଟ୍ୟୁସନ ଯାଇଥିଲେ । ଟ୍ୟୁସନ ପରେ ଅନ୍ୟଦୁଇଜଣ ସାଙ୍ଗ ପିଲା ପଳାଇ ଯାଇଥିବା ବେଳେ ପୀଡିତା ଝରକା ବନ୍ଦ କରୁଥିଲେ। ଝରକା ବନ୍ଦକରି ଯାଉଥିବା ସମୟରେ ପ୍ରଧାନଶିକ୍ଷକ ସୁକାନ୍ତ ବେହେରା ପୀଡ଼ିତାଙ୍କ ଗାଲରେ ଚୁମ୍ବନ ଦେବା ସହିତ ଅସଦାଚରଣ କରିଥିଲେ ବୋଲି ପୀଡିତା ଏତଲାରେ ଦର୍ଶାଇଛନ୍ତି । ପୀଡିତା ଜଣକ କାନ୍ଦି ଚିତ୍କାର କରିବାରୁ ଅଭିଯୁକ୍ତ ପ୍ରଧାନଶିକ୍ଷକ ଛାଡିଦେଇଥିଲେ । ପୀଡିତା କାନ୍ଦିକାନ୍ଦି ଘରକୁ ଫେରି ବାପା, ମା ଘଟଣା ବାବଦରେ ଜଣାଇଥିଲେ। ଅସଦାଚରଣର ଶିକାର ପୀଡ଼ିତାଙ୍କ ପରିବାରବର୍ଗ ଆଜି ସନ୍ଧ୍ୟାରେ ବେତନଟୀ ଥାନାର ଲିଖିତ ଅଭିଯୋଗ କରିଥିଲେ । ଏନେଇ ବେତନଟୀ ପୁଲିସ ୧୯୫/୨୪ ଏକ ମାମଲା ରୁଜୁକରି ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo